**ମଲ୍ଟି ପର୍ପୋଜ ଇନ୍‌ଡୋର ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା**

**କଟକ ଅଫିସ:** କଟକ ସହରରେ ହେବାକୁ ଥିବା ମଲ୍ଟି ପର୍ପୋଜ ଇନ୍‌ଡୋର ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଯାଇଛି। ଏହି ଷ୍ଟାଡିୟମ ହେଲେ କ୍ରୀଡାର ବିକାଶ ହେବା ସହ କଟକ ସହରର ବହୁ କ୍ରୀଡାବିତ୍ ଜାତୀୟ ସ୍ତରରେ ସୁଯୋଗ ପାଇପାରିବେ। ସ୍ଥାନୀୟ ଓସିଏ କନଫରେନ୍ସ ହଲ୍‌ରେ ପୂର୍ବତନ ବିଧାୟକ ତଥା ଫାଓର ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡାବିତ୍ ଭକ୍ତବଲ୍ଲଭ ଦାସ, ଅଭିଜିତ୍ ପାଲ, ଦିଲୀପ କୁମାର ସାହୁ, ପୂର୍ବତନ କର୍ପୋରେଟର ଏବଂ ଶିକ୍ଷାବିତ୍‌ମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ପ୍ରତିବାଦ କାର୍ଯ୍ୟକ୍ରମ ଓ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଓପିସିସି ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା।

**କଟକ**
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଆଇନଜୀବୀ ସ୍ୱର୍ଗତ ସତ୍ୟବ୍ରତ ପ୍ରଧାନଙ୍କ ଫଟୋଚିତ୍ର ଉନ୍ମୋଚନ ଉତ୍ସବ, ହାଇକୋର୍ଟ ବାର୍ ଆସୋସିଏଶନ ହଲ, ଅପରାହ୍ନ ୪ଟା ୩୦।

# ଜିଲାପାଳଙ୍କୁ ୨ସପ୍ତାହ ସମୟ ଦେଲେ ଏନ୍‌ଜିଟି

**କଟକ ଅଫିସ/ନୂଆଦିଲ୍ଲୀ,୧୨।୮**

ମହାନଦୀ ଶଯ୍ୟାରେ ବେଆଇନଭାବେ ନିର୍ମାଣ ହୋଇଥିବା ପଞ୍ଚମୁଖୀ ହନୁମାନ ମନ୍ଦିର ଉଚ୍ଛେଦ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)। ଏଥିସହିତ ପଞ୍ଚମୁଖୀ ମନ୍ଦିର ଉଚ୍ଛେଦ ନେଇ କ'ଣ ସବୁ ପଦକ୍ଷେପ ନିଆଯାଇଛି, ସେନେଇ ଏକ ରିପୋର୍ଟ ଆସନ୍ତା ୨ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଏନ୍‌ଜିଟି ବୁଧବାର କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩ରେ ହେବ। ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାର ଯେଉଁ ଯୁକ୍ତି ବାଢ଼ିଥିଲେ, ତାହା ସମ୍ପୂର୍ଣ୍ଣ ପ୍ରଶାସନିକ ବିଫଳତା। ବେଆଇନ ମନ୍ଦିର ଉଚ୍ଛେଦ ସମୟରେ ଲୋକଙ୍କ ବିରୋଧ ଯୋଗୁ ଉଚ୍ଛେଦ କାର୍ଯ୍ୟ ହୋଇ ନ ପାରିବା କହିବା ଅଯୌକ୍ତିକ। ଆଇନ୍ ଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣ କରି କିପରି ମନ୍ଦିର ଉଚ୍ଛେଦ କରାଯିବ ତାହା ଜିଲା ପ୍ରଶାସନର କାର୍ଯ୍ୟ। ଲୋକଙ୍କ ପ୍ରତିବାଦକୁ କାରଣ ଦର୍ଶାଇ ଜିଲାପାଳ ଏଥିରୁ ଓହରିବା ଠିକ୍ ନୁହେଁ ବୋଲି ଏନ୍‌ଜିଟି କହିଛନ୍ତି। ମଙ୍ଗଳବାର ସୁପ୍ରିମ୍‌କୋର୍ଟ ମଧ୍ୟ ପଞ୍ଚମୁଖୀ ହନୁମାନ ମନ୍ଦିର ଉଚ୍ଛେଦ ସମ୍ପର୍କରେ ଟ୍ରିବ୍ୟୁନାଲ ପୂର୍ବରୁ ଦେଇଥିବା ରାୟକୁ କାଏମ ରଖିବା ସହ ମନ୍ଦିର ଟ୍ରଷ୍ଟ ପକ୍ଷରୁ ହୋଇଥିବା ଆବେଦନକୁ ଖାରଜ କରିଛନ୍ତି। ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍ ଶାହା ଉକ୍ତ ଆବେଦନର ଶୁଣାଣି କରି ମନ୍ଦିର ଉଚ୍ଛେଦ ସମ୍ପର୍କରେ ଏନ୍‌ଜିଟି ଦେଇଥିବା ନିର୍ଦ୍ଦେଶକୁ ଯଥାର୍ଥ ବୋଲି ଦର୍ଶାଇଥିଲେ।

ସୂଚନାଯୋଗ୍ୟ କଟକ ଜିଲାରେ ମହାନଦୀପଠାକୁ ଜବର ଦଖଲ କରାଯାଇ ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ମାର୍କେଟ କମ୍ପ୍ଲେକ୍ସ, ପାଇଖାନା, କଲ୍ୟାଣମଣ୍ଡପ ଓ ଘର ନିର୍ମାଣ କରାଯାଉଛି। ଏଥିଯୋଗୁ ପରିବେଶ ଦୂଷିତ ହେବା ସହିତ ନଦୀଶଯ୍ୟା ସଙ୍କୁଚିତ ହେଉଛି। ଏନେଇ ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେଇଥିଲେ। ୨୦୨୦ ଡିସେମ୍ବରରେ ଏନ୍‌ଜିଟି ମହାନଦୀ ଶଯ୍ୟାରେ କୋଣସି ନିର୍ମାଣକୁ ଅନୁମତି ଦିଆଯିବାକୁ ରୋକ୍ ଲଗାଇବା ସହ ସେଠାରେ ବେଆଇନଭାବେ ନିର୍ମାଣକୁ ଉଚ୍ଛେଦ ପାଇଁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁସାରେ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍, ଫ୍ଲଡ୍ କଣ୍ଟ୍ରୋଲ ଆଣ୍ଡ ବେସିନ୍ ମ୍ୟାନେଜର, ଲୋୟର ମହାନଦୀ ବେସିନ୍ ଚିଫ୍ ଇଞ୍ଜିନିୟର, କଟକ ଜିଲାପାଳ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରତିନିଧିଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା। ନଦୀ ଶଯ୍ୟାରେ ଜବର ଦଖଲ ଓ ନିର୍ମାଣ ଦ୍ୱାରା ବନ୍ୟାଜଳ ପ୍ରବାହିତ ହେବା ଆଶଙ୍କା ରହିଛି। ନଦୀ ଜଳ ପ୍ରବାହର ଗତିପଥ ପରିବର୍ତ୍ତନ ହେବା ସହିତ ଭବିଷ୍ୟତରେ ଆଖପାଖ ଗ୍ରାମ ଓ ଅଞ୍ଚଳରେ ବନ୍ୟାଜଳ ପ୍ରବେଶର ସମ୍ଭାବନା ରହିଥିବା ଉକ୍ତ କମିଟି ରିପୋର୍ଟରେ ଉଲ୍ଲେଖ କରିଥିଲା। ଉକ୍ତ ରିପୋର୍ଟ ଆଧାରରେ ମନ୍ଦିର ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ଶତାଧିକ ଲୋକଙ୍କ ବିରୋଧ ଯୋଗୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିଥିଲା।

**ପଞ୍ଚମୁଖୀ ହନୁମାନ ମନ୍ଦିର ଉଚ୍ଛେଦ ମାମଲା**
- ଜବରଦଖଲ ଉଚ୍ଛେଦ ନେଇ କ'ଣ ପଦକ୍ଷେପ ନେଇଛ ତାହା ଜଣାଅ
- ସେପ୍ଟେମ୍ବର ୩ରେ ପରବର୍ତ୍ତୀ ଶୁଣାଣି



କଟକ କଲେଜ ଛକ ରାସ୍ତା ପାର୍ଶ୍ୱରେ ଖୋଲିଥିବା ଏକ ଷ୍ଟଲରୁ ଜଣେ ଯୁବତୀ ରାଖୀ କିଣୁଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଟକ ସଦର, ୧୨।୮ (ଡି.ଏନ.ଏ.)- ୪୨ମୌଜା ଫାଣ୍ଡି ଅନ୍ତର୍ଗତ ଶ୍ରୀରାମ ଗ୍ରାମ ଭଗବତୀ ପୀଠ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ସେ ହେଲେ ସେହି ଗ୍ରାମର ଜୀବନ ଦାଶ(୨୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି। ଏନେଇ କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୧/୨୧) ରୁଜୁ ହୋଇଛି। ଅନ୍ୟପକ୍ଷରେ ଜୀବନଙ୍କ ଦାଦା ମଧୁସୂଦନ ଦାଶ ଏ ନେଇ ଫାଣ୍ଡିରେ ଏକ ଏତଲା ଦେଇଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି, ଜୀବନ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କରୋନା ଯୋଗୁ କମ୍ପାନୀ କର୍ତ୍ତୃପକ୍ଷ ଦେଢ଼ବର୍ଷ ତଳେ ତାଙ୍କୁ ଛଟେଇ କରିଦେଇଥିଲେ। ତେଣୁ ଆର୍ଥିକ ଅନାଟନ ପାଇଁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଏଏସ୍‌ଆଇ ରବିନାରାୟଣ ସିଂହ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ

କଟକ ଅଫିସ, ୧୨।୮ - ଡ୍ରିମ୍‌ସ ପଲିଟେକ୍‌ନିକ ପକ୍ଷରୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ଓ ପଦ୍ମଶ୍ରୀ ଏସ୍. ଆର. ରଙ୍ଗନାଥନ୍‌ଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଧନେଶ୍ୱର ରଥ ଓ ରଙ୍ଗନାଥନ୍‌ଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଗ୍ରନ୍ଥାଗାରର ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିଙ୍କୁ ସ୍ୱୟଂସମ୍ପୂର୍ଣ୍ଣ କରିବାରେ ଗ୍ରନ୍ଥାଗାରିକଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଅଧକ୍ଷା ଇଂ. ତପସ୍ୱିନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଯୋଗଦେଇଥିଲେ। ଗ୍ରନ୍ଥାଗାରିକ ପବିତ୍ର କୁମାର ନାୟକ ପ୍ରାରମ୍ଭିକ ସୂଚନା ଓ କେନ୍ଦ୍ରୀୟ ଗ୍ରନ୍ଥାଗାରର ମୁଖ୍ୟ ଗ୍ରନ୍ଥାଗାରିକ ରଣଜିତ୍ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପିକା ମିହିତା ମଧୁସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧାପିକା ମୀନାରାଣୀ ସିଂହ ଧନ୍ୟବାଦ ଦେଇଥିଲେ।

## ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନିଅନ୍ତୁ ମହିଳା

କଟକ ଅଫିସ, ୧୨।୮ - କଟକ ନଗର (ଜିଲା) ମହିଳା କଂଗ୍ରେସ କମିଟିର ଏକ ବୈଠକ ସ୍ଥାନୀୟ ସେଲ୍ଟର ଛକସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ ସାଙ୍ଗଠନିକ ଓ ରାଜନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ରାଜ୍ୟ ସରକାର ସହରର ଗଳିକନ୍ଦି ଓ ସାହିବସ୍ତିରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ଏଣୁ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ନେବାକୁ ସେ ଆହ୍ୱାନ ଦେଇଥିଲେ। କଟକ ନଗର ମହିଳା କଂଗ୍ରେସ ପକ୍ଷରୁ ଆସନ୍ତା ୧୬ ତାରିଖରେ ଗୌରୀଶଙ୍କର ପାର୍କଠାରେ ସମାବେଶ ଓ ଶୋଭାଯାତ୍ରା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କମିଟି ସଭାନେତ୍ରୀ ଶୈଳବାଳା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ କର୍ପୋରେଟର ଅନିତା ନାୟକ, ତୃପ୍ତୀ ଦାସ, ଲିଜାରାଣୀ ରାଉତ, ଅନ୍ନପୂର୍ଣ୍ଣା ସାହୁ, ନୟନା ବିଶ୍ୱାଳ, ବୀଣାପାଣି ନାୟକ, ସବିତା ନାୟକ, ଲୀଳାବତୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଶ୍ରୁତିପ୍ରଜ୍ଞା ଜୁନିୟର ରଜ କୁଇନ

**ପିପିଲି,୧୨।୮(ଡି.ଏନ୍.ଏ.)**

ପିପିଲି ହରିପୁର ନିକଟସ୍ଥ ସାଇନ୍ସ ପଞ୍ଚାୟତ ଦକ୍ଷିଣ ରାଡସ ଗ୍ରାମର ସୁଶାନ୍ତ ରଥଙ୍କ ଝିଅ ଶ୍ରୁତିପ୍ରଜ୍ଞା ଏକ ଘରୋଇ ଟିଭି ଚ୍ୟାନେଲରେ ଚାଲିଥିବା ରିଆଲିଟି ଶୋ'ର ରଜକୁଇନ ପ୍ରତିଯୋଗିତାରେ ବିଜୟୀ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏପ୍ରିଲରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଗତ ୮ ତାରିଖରେ ୬ଜଣ ପ୍ରତିଯୋଗୀଙ୍କୁ ନେଇ ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ଶ୍ରୁତି ନିଜ ପ୍ରତିଭା ପ୍ରଦର୍ଶନ କରି ଉପସ୍ଥିତ ବିଚାରକ ମଣ୍ଡଳୀଙ୍କୁ ଆକୃଷ୍ଟ କରି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜୁନିୟର ରଜ କୁଇନ ଟ୍ରଫି ହାସଲ କରିଥିଲେ। ଏଥିସହ ଉକ୍ତ ଚ୍ୟାନେଲ ପକ୍ଷରୁ ନଗଦ ୫୦ ହଜାର ଟଙ୍କା ପୁରସ୍କାର ରାଶି ଲାଭ କରିଛନ୍ତି। ଶ୍ରୁତି ନବମ ଶ୍ରେଣୀର ଛାତ୍ରୀ ହୋଇଥିବା ବେଳେ ପିଲାଟି ଦିନରୁ ନୃତ୍ୟ କଳାରେ ଆଗ୍ରହ ଥିବା ଦେଖି ପରିବାର ପକ୍ଷରୁ ସବୁ ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ସଫଳତା ପାଇଁ ଶ୍ରୁତି ପ୍ରଚ୍ଛଦପଟରେ ରହି ଉତ୍ସାହିତ କରୁଥିବା ମା ପ୍ରଣତି ରଥଙ୍କୁ ଶ୍ରେୟ ଦେଇଛନ୍ତି। ଏପରିକି ପ୍ରତ୍ୟକ୍ଷ ଭାବେ ସହଯୋଗ କରୁଥିବା ଦାଦା ଦିଲୀପ କୁମାର ରଥଙ୍କ ପାଖରେ ଋଣୀ ରହିଥିବା ସେ ପ୍ରକାଶ କରିଛନ୍ତି।



ଜୁନିୟର ରଜ କୁଇନ ବିଜେତା ଶ୍ରୁତିପ୍ରଜ୍ଞା ରଥଙ୍କୁ ପୁରସ୍କୃତ କରାଯାଉଛି।

## ମୂର୍ତ୍ତି ନିର୍ମାଣରେ କଟକଣା ନ ରହୁ

**କଟକ ଅଫିସ,୧୨।୮**

ଚଳିତବର୍ଷ ପାର୍ବଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହାର ପୁନଃ ବିଚାର ପାଇଁ ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ କଟକ ଚାଉଳିଆଗଞ୍ଜ ପୂଜା କମିଟି କାର୍ଯ୍ୟାଳୟରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇଥିଲେ। ମୂର୍ତ୍ତି ନିର୍ମାଣରେ କଟକଣା ନ ରଖିବା, କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରି ଭକ୍ତଙ୍କୁ ଦର୍ଶନ ପାଇଁ ଅନୁମତି ଦେବା, ପୂଜା ସମୟରେ ଡାକବାଜି ଯନ୍ତ୍ର ବ୍ୟବହାର, ପୂଜାମଣ୍ଡପରେ ଆଲୋକ ସଜ୍ଜାଇବା, ଆସନ୍ତା ଅକ୍ଟୋବର ୧୬ ତାରିଖ ମଧ୍ୟାହ୍ନରେ ଦେବୀଗଡ଼ାରେ ବିନା ଶୋଭାଯାତ୍ରାରେ ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ଲାଗି ପାଇଁ ପ୍ରଶାସନର ଅନୁମତି ନେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ଡିସିପିଙ୍କ ସହ ଆଲୋଚନା କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସାହୁ ସୂଚନା ଦେଇଛନ୍ତି। ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ନୟନ କିଶୋର ମହାନ୍ତି, ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଦୁର୍ନୀତିର ତଦନ୍ତ ଦାବି

**ପୁରୀ ଅଫିସ ୧୨।୮:** ଗୋପ ବ୍ଲକ୍ ଇଡିଭୂଆଁ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ ଦାବିରେ ଆଳଶଙ୍ଖା ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାସ୍ତା ଓ ଶୌଚାଳୟ ନିର୍ମାଣ, ମୋ ପୋଖରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଦ୍ୟାଳୟ ମରାମତି କ୍ଷେତ୍ରରେ ଆସିଥିବା ସରକାରୀ ଅନୁଦାନ ବାଟମାରଣା ହୋଇଛି। ମିଛ ବିଲ୍ କରି ଟଙ୍କା ହଡ଼ପ କରାଯାଇଛି। ଏହି ଅଭିଯୋଗ ଆଣି ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପ୍ରଭାକର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭାଗୀରଥି ବିଶ୍ୱାଳ, ଭାସ୍କର ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ଧ୍ରୁବ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରଶ୍ମୀ


@ ଲୁକା


@ ସ୍ନେହରୋଜି


@ ସୁବାସ


@ ପ୍ରତିମା



@ ଦୀପ୍ତିରଞ୍ଜନ

# ଆଇଏଫ୍‌ଏଫ୍‌ଏମ୍‌ରେ ପ୍ରଦର୍ଶିତ ହେବ 'କାଲିର ଅତୀତ'

**ଭୁବନେଶ୍ୱର, ୧୨।୮ (ବ୍ୟୁରୋ)**

ପଦ୍ମଶ୍ରୀ ଓ ଜାତୀୟ ପୁରସ୍କାର ବିଜେତା ଫିଲ୍ମ ନିର୍ଦ୍ଦେଶକ ନୀଳ ମାଧବ ପଣ୍ଡାଙ୍କ ଓଡ଼ିଆ ଚଳଚ୍ଚିତ୍ର 'କାଲିର ଅତୀତ' ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ମେଲ୍‌ବୋର୍ନ (ଆଇଏଫ୍‌ଏଫ୍‌ଏମ୍)ରେ ପ୍ରଦର୍ଶିତ ହେବ। ଜଳବାୟୁ ପରିବର୍ତ୍ତନର ବିପଦକୁ ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ଅଂଶଗ୍ରହଣ କରିଛି। ୨୦୨୧ ଜୁଲାଇରେ ଏହା ଲଣ୍ଡନ ଇଣ୍ଡିଆନ୍ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିବାବେଳେ ଚଳିତ ମାସରେ ହେବାକୁ ଥିବା ଆଇଏଫ୍‌ଏଫ୍‌ଏମ୍‌ରେ ଔପଚାରିକ ଚୟନର ଅଂଶ ହୋଇଛି। 'କାଲିର ଅତୀତ' ଚଳଚ୍ଚିତ୍ରକୁ ଆସନ୍ତା ଅକ୍ଟୋବରରେ ପାରାଗୁଏ ଇଣ୍ଟରନ୍ୟାଶନାଲ ଫେଷ୍ଟିଭାଲରେ ମଧ୍ୟ ପ୍ରଦର୍ଶିତ କରାଯିବ। ଆଇଏଫ୍‌ଏଫ୍‌ଏମ୍ ହେଉଛି ଅଷ୍ଟ୍ରେଲିଆରେ ଅନୁଷ୍ଠିତ ସର୍ବବୃହତ୍ ଚଳଚ୍ଚିତ୍ର ମହୋତ୍ସବ ମଧ୍ୟରୁ ଅନ୍ୟତମ, ଯାହା ଭାରତୀୟ ସିନେମାର ସମସ୍ତ ପ୍ରକାର ଓ ଆକାରକୁ ପାଳନ କରୁଛି। ଲକ୍‌ଡାଉନ୍ କାରଣରୁ ଏଠାରେ ଇନ୍-ସିନେମା ପ୍ରୋଗ୍ରାମ ସମେତ ଓପନିଙ୍ଗ୍ ନାଇଟ୍ ଷ୍ଟାଣ୍ଡ ବାତିଲ ହୋଇଥିଲା। ତେବେ ଆସନ୍ତା ୧୫ରୁ ଅନ୍‌ଲାଇନ୍ ପ୍ରୋଗ୍ରାମ ଖୋଲିବ ବୋଲି ଧାର୍ଯ୍ୟ ହୋଇଛି।

ଆଇଏଫ୍‌ଏଫ୍‌ଏମ୍‌ରେ ଫିଲ୍ମର ଚୟନ ସମ୍ପର୍କରେ ନିର୍ଦ୍ଦେଶକ ପଣ୍ଡା କହିଛନ୍ତି, ଯେତେବେଳେ ମୁଁ ଏହି ଚଳଚ୍ଚିତ୍ର ତିଆରି କରିଥିଲି ମୋର ଇଚ୍ଛା ଥିଲା ଜଳବାୟୁ ପରିବର୍ତ୍ତନର ବିପଦ ସଂକ୍ରାନ୍ତରେ ଏହାର ବାର୍ତ୍ତାକୁ ସମଗ୍ର ବିଶ୍ୱରେ ପହଞ୍ଚାଇବା। ମୋର ଚଳଚ୍ଚିତ୍ର ମାଧ୍ୟମରେ ମୁଁ ବାସ୍ତବ ଘଟଣାଗୁଡିକ ସମ୍ପର୍କରେ କହିବା ଏବଂ ଏଭଳି ଗମ୍ଭୀର ପ୍ରସଙ୍ଗ ଉପରକୁ ଲୋକଙ୍କ ଧ୍ୟାନ ଆକର୍ଷିତ କରିବା ପାଇଁ ଚେଷ୍ଟା କରୁଛି। ଆଇଏଫ୍‌ଏଫ୍‌ଏମ୍‌ରେ ଔପଚାରିକ ଚୟନ ହେବା ଆମ ଟିମ୍ ପାଇଁ ଏକ ଗୌରବର ବିଷୟ।



# ୧୫ରେ ସାରେଗାମାପା ଗ୍ରାଣ୍ଡ୍ ଫିନାଲେ

**ଭୁବନେଶ୍ୱର, ୧୨।୮ (ବ୍ୟୁରୋ)**

ଓଡ଼ିଆ ଟେଲିଭିଜନ ଜଗତର ସର୍ବାଧିକ ଲୋକପ୍ରିୟ ସଙ୍ଗୀତ ଭିତ୍ତିକ ରିଆଲିଟି ଶୋ' ଜି ସାର୍ଥକ ସାରେଗାମାପା ସ୍ୱରର ମହାମଞ୍ଚକୁ ଶୀର୍ଷ ୬ଜଣ ପ୍ରତିଯୋଗୀ ମିଳିସାରିଛି। ଓଡ଼ିଆ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଥିବା ଏହି ଶୋ'ର ଗ୍ରାଣ୍ଡ୍ ଫିନାଲେ ଆସନ୍ତା ୧୫ ତାରିଖ ରବିବାର ସନ୍ଧ୍ୟା ୬ଟାରୁ ପ୍ରସାରିତ ହେବ। ଏ ସମ୍ପର୍କରେ ଜି ସାର୍ଥକର ବିଜନେସ ହେଡ୍ ଅର୍ଘ୍ୟ ରୟ ଚୌଧୁରୀ କହିଛନ୍ତି, ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଅନ୍‌ଲାଇନ ଅଡିଶନ ଜରିଆରେ ୩୫୦୦ ପ୍ରତିଯୋଗୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ୮ ମାସର ସଙ୍ଗୀତ ଯାତ୍ରା ଶୀର୍ଷ ୬ଜଣ ପ୍ରତିଯୋଗୀଙ୍କୁ ନେଇ ଏକ ଅପାସୋରା ସଙ୍ଗୀତ ସନ୍ଧ୍ୟାରେ ଉପନୀତ ହେବାକୁ ଯାଉଛି। ଶ୍ରେଷ୍ଠମାନଙ୍କ ମଧ୍ୟରୁ ବିଜେତାଙ୍କ ନାମ ଘୋଷଣା କରିବା ବିଚାରକଙ୍କ ନିମନ୍ତେ ଅତ୍ୟନ୍ତ କଷ୍ଟକର। ଏହି ଶୋ' ଟିଆର୍‌ପି ସାରଣୀରେ ମଧ୍ୟ ଉତ୍ତମ ସ୍କୋର କରୁଛି। ଫାଇନାଲ ପର୍ଯ୍ୟାୟରେ ସଙ୍ଗୀତ କ୍ଷେତ୍ରରେ ସ୍ୱନାମଧନ୍ୟ ବ୍ୟକ୍ତିତ୍ୱ ଗୁଡ଼୍‌ଲି ରଥ, ଅସୀମା ପଣ୍ଡା, ଦୀପ୍ତି ରେଖା, କ୍ରିଷ୍ଣା ବେଉରା ବିଚାରକ ଦାୟିତ୍ୱ ତୁଲାଇବେ। ସୁଲଗ୍ନା ରାଉତରାୟ ଏହାର ଉପସ୍ଥାପନା କରିବେ। ଅଭିନେତା ବାବୁସାନ, ମଣ୍ଟୁ ଛୁରିଆ, ତାନ୍‌ସେନ୍ ସିଂ ଓ ବିକାଶ ଦାଶ ପ୍ରମୁଖ ଅତିଥି ଭାବରେ ଦେଖିବାକୁ ମିଳିବେ।

**ଶୀର୍ଷକୁ ଗଲେ ୬ ପ୍ରତିଯୋଗୀ**

ଫାଇନାଲିଷ୍ଟ ଥିବା ଭୁବନେଶ୍ୱରର ୧୯ ବର୍ଷ ବୟସ୍କ ପ୍ରତିଯୋଗୀ ଈପ୍‌ସିତ ପତିଙ୍କର ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତରେ ୧୩ ବର୍ଷର ଅଭିଜ୍ଞତା ରହିଛି। ସାରେଗାମାପା ଜୁନିୟରରେ ସେ ଅନ୍ୟତମ ଫାଇନାଲିଷ୍ଟ ଥିଲେ। ଭୁବନେଶ୍ୱରର ୧୯ ବର୍ଷୀୟା ପାୟଲ ମହାନ୍ତିଙ୍କର ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ବିଶେଷ ଜ୍ଞାନ ରହିଛି। ସେହିଭଳି ୧୪ ବର୍ଷ ବୟସ୍କା ଦେବାଂଶି ଦାଶ ପୁରୀରେ ରୁହନ୍ତି। ୨୦୧୭ରେ ସେ ଭଏସ କିଡ୍ ପୁରସ୍କାର ଜିତିବା ସହିତ ଉଭୟ ଜିଲା ଓ ରାଜ୍ୟ ସ୍ତରରେ ଗଭର୍ନର ଟ୍ରଫି ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ହାସଲ କରିଛନ୍ତି। ଓଡ଼ିଶୀ ଓ ହିନ୍ଦୁସ୍ତାନ କଣ୍ଠ ସଂଗୀତରେ ତାଙ୍କର ୧୦ ବର୍ଷର ଅଭିଜ୍ଞତା ରହିଥିବାବେଳେ ସେ ମଧ୍ୟ ଜଣେ ତାଲିମପ୍ରାପ୍ତ ଓଡ଼ିଶୀ ନୃତ୍ୟଶିଳ୍ପୀ। ଭୁବନେଶ୍ୱରର ସନ୍ଦୀପ ସୌମ୍ୟଶେଖର ମିଶ୍ର(୨୩)ଙ୍କ ହିନ୍ଦୁସ୍ତାନ କଣ୍ଠ ସଙ୍ଗୀତରେ ୧୨ ବର୍ଷର ଅଭିଜ୍ଞତା ରହିଛି। ବରଗଡର ୨୩ ବର୍ଷୀୟ ସୋମ ପଣ୍ଡା ୧୦ବର୍ଷରୁ ଅଧିକ ହେବ ଅର୍ଦ୍ଧ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଲାଭ କରିଛନ୍ତି। ସେ ହେଉଛନ୍ତି ଗୁରୁ କୁମାର ମାରଦୁରଙ୍କ ଶିଷ୍ୟ। ଭୁବନେଶ୍ୱରର ୧୭ ବର୍ଷୀୟ ଅଭିଜିତ ପାଢୀ ୬ ବର୍ଷ ଧରି ହିନ୍ଦୁସ୍ତାନୀ ଏବଂ ଶାସ୍ତ୍ରୀୟ ସଙ୍ଗୀତରେ ତାଲିମ ନେଇଛନ୍ତି।

## ମଧୁସୂଦନ ସେତୁ ଆଲୋକୀକରଣ କରାଯାଉ

କଟକ ଅଫିସ: ମଧୁସୂଦନ ସେତୁକୁ ଆଲୋକୀକରଣ କରିବା ସହିତ ନିୟମିତ ସଫା କରିବାକୁ ଏଇତ ଜୀବନ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସିଡିଏ ସହ ନୂଆପାଟଣାକୁ ସଂଯୋଗ କରିବା ନିମନ୍ତେ ମହାନଦୀ ଉପରେ ମଧୁସୂଦନ ସେତୁ ନିର୍ମାଣ ହୋଇଛି। ହେଲେ ଆଜିପର୍ଯ୍ୟନ୍ତ ଉକ୍ତ ସେତୁରେ ଲାଇଟ୍ ଲଗାଯାଇନାହିଁ। ପ୍ରତିଦିନ ବହୁ ସଂଖ୍ୟକ ବାଲି ବୋଝେଇ ଟ୍ରକ ଯାତାୟାତ କରିବା ଦ୍ୱାରା ଏହି ସେତୁ ଉପରେ ବାଲି ଜମି ରହୁଥିବାରୁ ଦୁର୍ଘଟଣା ଘଟୁଛି। ଅନୁଷ୍ଠାନ ପକ୍ଷରୁ ସଞ୍ଜିତ ସାମଲ, ପ୍ରିୟବ୍ରତ ପଟ୍ଟନାୟକ, ଗୌତମ ସାହୁ, ଲଳିତେନ୍ଦୁ ପଟ୍ଟନାୟକ, ସରସ୍ୱତୀ ବେହେରା, ପ୍ରହ୍ଲାଦ ମହାରଣା ପ୍ରମୁଖ ଜିଲାପାଳଙ୍କୁ ଉକ୍ତ ଦାବିପତ୍ର ଦେଇଥିଲେ।





**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**
୧୨.୦୮.୨୦୨୧
୩,୩୩୪ ଟଙ୍କା

# ହାତୀଙ୍କୁ ସୁସ୍ୱାଦୁ ଖାଦ୍ୟ ଖୁଆଇଲେ ଅତିଥି

**ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ ପାଳିତ**

ବାରଙ୍ଗ,୧୨।୮(ଡି.ଏନ୍.ଏ.)

ବିଶ୍ୱ ହସ୍ତୀ ଦିବସ ଅବସରରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଚଳିତବର୍ଷ ଷଷ୍ଠଥର ପାଇଁ ହସ୍ତୀ ଦିବସ ପାଳନ ହୋଇଛି। କୋଭିଡ୍ କଟକଣା ପାଇଁ ବିନା ସାଜସଜ୍ଜାରେ ଏହାକୁ ପାଳନ କରାଯାଇଛି। କେବଳ ହାତୀଙ୍କୁ ଗାଧୋଇ ଦେବା ପରେ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯିବା ସହ ହାତୀ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ।

ସକାଳ ସାଢ଼େ ୧୦ଟାରେ ପିସିସିଏଫ୍ ଶଶୀ ପଲ ଓ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ହାତୀ ସଫାରିର ହାତୀଶାଳରେ ପହଞ୍ଚିଥିଲେ। ସେଠାରେ ଆଗରୁ ଅପେକ୍ଷା କରି ରହିଥିବା ପ୍ରେମା, ବାସନ୍ତୀ ଓ ହୀରାଙ୍କୁ ପାଚିଲା କଦଳୀ ଓ ଆଖୁ ଆଦି ସୁସ୍ୱାଦ ଖାଦ୍ୟ ଖାଇବାକୁ ଅତିଥିମାନେ ଦେଇଥିଲେ। ପରେ ହାତୀ ଛୁଆ ମାମା ପାଖରେ ପହଞ୍ଚି ତାକୁ ମଧ୍ୟ ଖୁଆଇଥିଲେ। ପର୍ଯ୍ୟଟକମାନେ ହାତୀ ସଫାରିରେ ବୁଲି ହାତୀ ଦେଖିଥିଲେ। ଏହାପରେ ମାହୁନ୍ତମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପର୍ଯ୍ୟଟକଙ୍କୁ ନେଇ ଏକ ଦସ୍ତଖତ ଅଭିଯାନ ସହ କୁଇଜ ପ୍ରତିଯୋଗିତା ହୋଇଥିଲା। କୃତୀ ପର୍ଯ୍ୟଟକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହିତ ହାତୀ ସୁରକ୍ଷା ନେଇ ଅନ୍‌ଲାଇନରେ ଏକ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ହାତୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବହୁବିଧ ଉଦ୍ୟମ ତଥା ପଦକ୍ଷେପ ନେଇଚାଲିଛନ୍ତି। ହାତୀମାନେ ସମୟାନୁକ୍ରମେ ସ୍ଥାନ ପରିବର୍ତ୍ତନ କରି ନୂଆ ଜାଗାକୁ ଯାଉଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ହାତୀଙ୍କର ଗତିବିଧିକୁ ଅନୁଧ୍ୟାନ କରିବା ପାଇଁ ମୋବାଇଲ ଆପ ସହ ଅନ୍ୟାନ୍ୟ ମାଧ୍ୟମରେ ମନିଟରିଂ କରାଯାଉଛି। ଅନ୍ୟପଟେ ଆଗ ଅପେକ୍ଷା ଏବେ ଦାନ୍ତ ପାଇଁ ହାତୀ ମୃତ୍ୟୁ ପରିମାଣ କମିଛି। ହେଲେ ଏବେ ଜଳବାୟୁ ପରିବର୍ତ୍ତନ ହେବାରୁ ନୂଆ ନୂଆ ରୋଗ ସହ ବିଦ୍ୟୁତ୍ ପାଇଁ ଅଧିକ ହାତୀ ମୃତ୍ୟୁ ହେଉଛି। ତେଣୁ ହାତୀଙ୍କର ସୁରକ୍ଷା ସହ ସେମାନଙ୍କ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ପିସିସିଏଫ୍ ଶଶୀ ପଲ କହିଥିଲେ। ଉତ୍ସବରେ ଉପ-ନିର୍ଦ୍ଦେଶକ ସଞ୍ଜିତ କୁମାର, ଏସିଏଫ୍ ଅମୂଲ୍ୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ହସ୍ତୀ ଦିବସ ପାଳନ ଅବସରରେ ହାତୀ ସହ ଅତିଥି ଓ କର୍ମଚାରୀମାନେ।

ସେହିଭଳି ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଗୋଡିବାରିଠାରେ ହସ୍ତୀ ଦିବସ ପାଳନ ହୋଇଛି। ଏଠାରେ ଥିବା ୩ ହାତୀ ମଧ୍ୟରୁ ନନ୍ଦ ଓ ଯଶୋଦା ସାମିଲ ଥିଲେ। ଡିଏଫ୍‌ଓ ମହମ୍ମଦ ଜମିର, ଏସିଏଫ ହିମାଂଶୁ ମହାନ୍ତି ଓ ରେଞ୍ଜର ମାନସ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ନନ୍ଦ ଓ ଯଶୋଦାଙ୍କୁ ଖାଦ୍ୟ ଖାଇବାକୁ ଦେଇଥିଲେ। ଏହାପରେ କୁମାରଖୁଣ୍ଟିରେ ଦଣ୍ଡ ଭୋଗୁଥିବା ଶଙ୍କର ପାଇଁ ଖାଦ୍ୟ ପଠାଇଥିଲେ। ଶେଷରେ ଅତିଥିମାନେ ୩ଜଣ ମାହୁନ୍ତଙ୍କୁ ନୂଆ ପୋଷାକ ପ୍ରଦାନ କରିଥିଲେ।


ଜଣେ ଶିଶୁ ପର୍ଯ୍ୟଟକ ହାତୀକୁ ଫଳ ଖୁଆଉଛନ୍ତି।

## ଚାରିଛକରୁ ଅପହୃତ ନାବାଳିକା ଭୁବନେଶ୍ୱରରୁ ଉଦ୍ଧାର, ୨ ଗିରଫ

ନିମାପଡ଼ା,୧୨।୮(ଡି.ଏନ୍.ଏ.)

ଚାରିଛକ ଫାଣ୍ଡି ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକା ଦେଢ଼ ମାସ ତଳେ ଅପହରଣ ହୋଇଥିବାବେଳେ ବୁଧବାର ରାତିରେ ନିମାପଡ଼ା ପୋଲିସ ଭୁବନେଶ୍ୱରର ଏକ ଭଡ଼ାଘରୁ ଉଦ୍ଧାର କରିଛି। ଏ ନେଇ ପୋଲିସ ଅପହରଣକାରୀ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ଦୁଃଖିରାମ ସାହୁ ଓ ତାଙ୍କ ସମ୍ପର୍କୀୟ ଭଣଜା ସୁମନ୍ତ ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ଅପହରଣକାରୀ ଓ ନାବାଳିକାଙ୍କ ଡାକ୍ତରୀମାଇନା କରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଦୁଃଖିରାମ ନାବାଳିକାଙ୍କ ପିତାଙ୍କ ପାଖରେ ଜେସିବି ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଜୁନ ୨୭ରେ ସେ ଉକ୍ତ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏହି କଥା ନାବାଳିକାଙ୍କ ପରିବାର ଲୋକ ଜାଣିବା ପରେ ପରଦିନ ୨୮ତାରିଖରେ ନିମାପଡ଼ାରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପହରଣ ମାମଲା(ନଂ.୨୩୦/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ଏକ ବିଶେଷ ସୂତ୍ରରୁ ଦୁଃଖିରାମ ଓ ନାବାଳିକାଙ୍କୁ ନେଇ ଭୁବନେଶ୍ୱରର ଏକ ଭଡ଼ାଘରେ ଥିବା କଥା ନିମାପଡ଼ା ଆଇଆଇସି ଶଙ୍କର୍ଷଣ ଦଳେଇ ଖବର ପାଇଥିଲେ। ବୁଧବାର ଆଇଆଇସିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଉକ୍ତ ଭଡ଼ାଘରେ ରାତିରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲେ।

### ସଂକ୍ଷେପରେ

## ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନାଁରେ ଏତଲା

ଜଟଣୀ,୧୨।୮(ଡି.ଏନ୍.ଏ.): ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ଘଟଣାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନାଁରେ ଜଟଣୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗୁରୁବାର ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମିମୟୀ ପଟ୍ଟନାୟକ ଏହି ଏତଲା ଦେଇଛନ୍ତି। ସୂଚନା ମୁତାବକ, ଜଣେ ଚା ବିକାଳି ଦେଶର ପ୍ରଧାନମନ୍ତ୍ରୀ ହୋଇଛି, ସେ କିଛି ଜାଣିନାହିଁ ସାଧାରଣ ପିଅନଠାରୁ ହୀନ ବୋଲି ଗଣମାଧ୍ୟମରେ ବିଧାୟକ ରାଉତରାୟ କହିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଅପମାନିତ କରାଯାଇଥିବାରୁ ଏହାର ତଦନ୍ତ କରାଯାଇ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଧାୟକ ରାଉତରାୟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପଟେ ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ ସାହୁ କହିଛନ୍ତି, ବିଧାୟକ ଯାହା କହିଛନ୍ତି ଠିକ୍ ବୋଲି ସେ କହିଥିଲେ।

## ଗ୍ରେଡେଶନ ତାଲିକାରେ ତ୍ରୁଟି ସଂଶୋଧନ ନେଇ ଦାବିପତ୍ର

ଖୋର୍ଦ୍ଧା ଅଫିସ,୧୨।୮ : ନିଖିଳ ଉତ୍କଳ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଟିମ ଖୋର୍ଦ୍ଧା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ) ସନ୍ଧ୍ୟାବତୀ ପ୍ରଧାନଙ୍କୁ ଭେଟି ୨୦୧୯-୨୦ ବର୍ଷରେ ଗ୍ରେଡେଶନରେ ତାଲିକାରେ ତ୍ରୁଟି ନେଇ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ବଣିଆଟାଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ବତନ ସହକାରୀ ଶିକ୍ଷକ ଉମେଶ ଚନ୍ଦ୍ର ରାଉତ, ସୁଶାନ୍ତ ହରିଚନ୍ଦନ ଏବଂ ନିଆଳ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକ ସତ୍ୟାନନ୍ଦ ବେହେରାଙ୍କ ଗ୍ରେଡଶନ ତାଲିକାରେ ତ୍ରୁଟି ହୋଇଥିବା ନଜରକୁ ଆସିଛି। ଏନେଇ ପୂର୍ବତନ ବିଇଓଙ୍କ ସହ ଆଲୋଚନା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ୨୦୧୯-୨୦ରେ ଗ୍ରେଡେସନ ତାଲିକାରେ ବ୍ଲକର କେତେଜଣ ବରିଷ୍ଠ ଶିକ୍ଷକ ତାଲିକାରୁ ବାଦ ପଡିଥିଲେ। ପୂର୍ବତନ ବିଇଓଙ୍କ ଖାମଖିଆଲ ମନୋଭାବ ଯୋଗୁ ବହୁ ଶିକ୍ଷକ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସଂଘ ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି। ସଂଘ ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ଅମୀୟ ପରିଡା, ପ୍ରସନ୍ନ ମହାପାତ୍ର, ସୁକାନ୍ତି ଦେବୀ, ଦିବ୍ୟସିଂହ ସୁବୁଦ୍ଧି, ରଶ୍ମି ଦାସ, ସୁଶାନ୍ତ ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଭାରତମାଳାରେ କୃଷ୍ଣପ୍ରସାଦକୁ ସାମିଲ ଦାବି

### କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ପତ୍ର



କୃଷ୍ଣପ୍ରସାଦ,୧୨।୮(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦର ସାତପଡ଼ାରୁ ଜହ୍ନିକୁଦା ଚିଲିକାରେ ବ୍ରିଜ୍ ନିର୍ମାଣ କରାଗଲେ ଦକ୍ଷିଣ ଓଡ଼ିଶାର ଏହା ଏକ ମୁଖ୍ୟରାସ୍ତା ପାଲଟିବ। ଏଥିସହ ଗୋପାଳପୁରକୁ ଦୂରତ୍ୱ କମିବ। ଗୋପାଳପୁରରୁ କୃଷ୍ଣପ୍ରସାଦ ରାସ୍ତା ଦେଇ ପୂର୍ବ ନିର୍ଦ୍ଧାରିତ ଭାରତମାଳା ରାସ୍ତା ନିର୍ମାଣ କରାଗଲେ ଗମନାଗମନ ସୁବିଧା ସହ ଚିଲିକା ଅଞ୍ଚଳର ପର୍ଯ୍ୟଟନସ୍ଥଳୀର ବିକାଶ ହେବ। ଏଥିସହ ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ବିକାଶ ମଧ ଘଟିବ। ଏନେଇ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡକରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଷ୍ଟ୍ରୀୟ ମୁଖପାତ୍ର ଓ ବିଧାୟକଙ୍କ ଏହି ଉଦ୍ୟମକୁ କୃଷ୍ଣପ୍ରସାଦ ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ହରିହର ଦାସ, ସଂଗ୍ରାମ କେଶରୀ ଜେନା,ବିଷ୍ଣୁ ପ୍ରସାଦ ବେହେରା, ଅଶୋକ ବିଶ୍ୱାଳ, ରମେଶ ଚନ୍ଦ୍ର ସିଂହସାମନ୍ତ, ପ୍ରଶାନ୍ତ ମାନସିଂହ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।


ଆଇସିଟି କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ନେଇ ହାଇକୋର୍ଟଙ୍କ ରାୟକୁ ପାଳନ କରିବା ଦାବିରେ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ।

## ବ୍ଲୁ ଫ୍ଲାଗ ବିଚ୍‌ରେ ଦିବ୍ୟାଙ୍ଗଙ୍କ ପାଇ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ ଅଫିସ, ୧୨।୮

ବ୍ଲୁ ଫ୍ଲାଗ ବିଚ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ପୁରୀ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ମ୍ୟାଟ ପକାଯାଇ ନିର୍ଦ୍ଦିଷ୍ଟ ପଥ କରାଯିବା ଦ୍ୱାରା ଏଣିକି ଦିବ୍ୟାଙ୍ଗମାନେ ସମୁଦ୍ରକୂଳକୁ ଯାଇ ପ୍ରକୃତି ଉପଭୋଗ କରିପାରିବେ। ଜିଲାପାଳ ସମର୍ଥ ବର୍ମା, ବନଖଣ୍ଡ ଅଧିକାରୀ ପି. ରାମାସ୍ୱାମୀ, ଆଇସିଜେଡଏମ୍‌ର ଆଦିତ୍ୟ ମହାନ୍ତି, ଇକୋ ଟୁରିଜମ୍ ଫାଉଣ୍ଡେଶନର ଯୁଗବ୍ରତ କର, ବିଚ୍ ମ୍ୟାନେଜର ନରସିମ୍ହା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଉପଖଣ୍ଡରେ ୭୨ ଡେଙ୍ଗୁ ଆକ୍ରାନ୍ତ

ଖୋର୍ଦ୍ଧା ଅଫିସ,୧୨।୮

ଖୋର୍ଦ୍ଧା ଉପଖଣ୍ଡରେ ବର୍ତ୍ତମାନ ସୁଦ୍ଧା ୭୨ଜଣ ଆକ୍ରାନ୍ତ ହୋଇଛନ୍ତି ବୋଲି ସିଡିଏମଓ ବିଶ୍ୱରଞ୍ଜନ ପତି କହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୪୮ ସୁସ୍ଥ ହୋଇଥିବା ବେଳେ ୨୨ଜଣ ଘରେ ଓ ୨ଜଣ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଡେଙ୍ଗୁ ନିୟନ୍ତ୍ରଣ ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଗ୍ରାମାଞ୍ଚଳରେ ଏନେଇ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଆରଆରଟି ଟିମ୍, ମେଡିକାଲ ଇଣ୍ଟିଗ୍ରେଟେଡ ସର୍ଭେଲାନ୍ସ କାର୍ଯ୍ୟ ମଧ ଚାଲିଛି। ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଘର ଘର ବୁଲି କରୋନା ସହ ଡେଙ୍ଗୁ ରୋଗ ଉପରେ ସଚେତନ କରୁଛନ୍ତି। ଡେଙ୍ଗୁ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ ଗୋଟିଏ ୱାର୍ଡ ପ୍ରସ୍ତୁତ କରାଯାଇଛି। ଡେଙ୍ଗୁ ଲକ୍ଷଣ ଥିବା ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯିବା ବ୍ୟବସ୍ଥା ରହିଛି। ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ସିଡିଏମଓ ପତି ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## କରୋନା: ଆଉ ୧୧୦୭ ପଜିଟିଭ୍ ଚିହ୍ନଟ, ୬୭ ମୃତ

ଭୁବନେଶ୍ୱର, ୧୨।୮ (ବ୍ୟୁରୋ)

ରାଜ୍ୟରେ ଗତ ୨୪ ଘଣ୍ଟାରେ ୧୧୦୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୬୪୬ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୪୬୧ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୩୯୭ଜଣ ରହିଛନ୍ତି। ସେହିପରି କଟକରୁ ୧୩୦, ବାଲେଶ୍ୱରରୁ ୬୬, ଜଗତ୍‌ସିଂହପୁରରୁ ୫୩, ଯାଜପୁରରୁ ୫୨, କେନ୍ଦ୍ରାପଡାରୁ ୪୨, ମୟୂରଭଞ୍ଜରୁ ୪୦, ଅନୁଗୋଳରୁ ୨୪, ଭଦ୍ରକରୁ ୩୬, ଢେଙ୍କାନାଳରୁ ୧୨, କେନ୍ଦୁଝରରୁ ୧୮, ନୟାଗଡରୁ ୨୯, ପୁରୀରୁ ୨୮, ସମ୍ବଲପୁରରୁ ୨୦, ସୁନ୍ଦରଗଡ଼ରୁ ୧୭, ମାଲକାନାଗିରିରୁ ୧୦, ଝାରସୁଗୁଡ଼ାରୁ ୯, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳରୁ ୭ଜଣ ଲେଖାଏ, ବରଗଡ ଓ ରାୟଗଡାରୁ ୫ଜଣ ଲେଖାଏ, ସୋନପୁର ଓ ଗଞ୍ଜାମରୁ ୪ଜଣ ଲେଖାଏ, ବଲାଙ୍ଗୀର ଓ ଦେବଗଡ଼ରୁ ୩ଜଣ ଲେଖାଏ, କୋରାପୁଟ, ନବରଙ୍ଗପୁର, ନୂଆପଡା ଓ ଗଜପତିରୁ ଜଣେ ଲେଖାଏ ଓ ଷ୍ଟେଟ୍ ପୁଲ୍‌ରୁ ୮୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ସେହିପରି ରାଜ୍ୟରୁ ଆଉ ୬୭ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଫଳରେ କରୋନାଜନିତ ମୃତ୍ୟୁ ୬,୬୯୭କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରୁ କଟକରୁ ସର୍ବାଧିକ ୧୮ଜଣ, ଖୋର୍ଦ୍ଧାରୁ ୧୧, ସମ୍ବଲପୁରରୁ ୯, ଯାଜପୁରରୁ ୫ଜଣ, ମୟୂରଭଞ୍ଜ ଓ କେନ୍ଦ୍ରାପଡାରୁ ୪ଜଣ ଲେଖାଏ, ଢେଙ୍କାନାଳ ଓ ସୁବର୍ଣ୍ଣପୁର ଜିଲାରୁ ୩ଜଣ ଲେଖାଏ, ପୁରୀ ଓ ବାଲେଶ୍ୱରରୁ ୨ଜଣ ଲେଖାଏ ଏବଂ କେନ୍ଦୁଝର, ଭଦ୍ରକ, ଜଗତ୍‌ସିଂହପୁର, କଳାହାଣ୍ଡି, ନୂଆପଡା ଓ ସୁନ୍ଦରଗଡ ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରୁ ୧୧୭୭ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।



## ମିଟର ରିଡିଂ ଆଳରେ ଘରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର

ପୁରୀ ଅଫିସ,୧୨।୮

ନିଜକୁ ବିଦ୍ୟୁତ କର୍ମଚାରୀ ଭାବେ ପରିଚୟ ଦେଇ ୯ଜଣ ବ୍ୟକ୍ତି ମିଟର ରିଡିଂ ଆଳରେ ଗୁରୁବାର ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଦୁର୍ବ୍ୟବହାର କରିଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ହାଡ଼ଗଡିଆ ସାହି ଯମୁନା ଲେନ୍ ବାସିନ୍ଦା ଚନ୍ଦ୍ରପ୍ରଭା ପଟ୍ଟନାୟକ ଏହି ଅଭିଯୋଗ କରିଛନ୍ତି। ଏତଲାରେ ଦର୍ଶାଯାଇଛି ଯେ, ଗତ ୧୦ ତାରିଖରେ ଚନ୍ଦ୍ରପ୍ରଭା ଘରେ ଏକାକୀ ଥିଲେ। ମଧ୍ୟାହ୍ନରେ ପ୍ରାୟ ୯ଜଣ ବ୍ୟକ୍ତି ନିଜକୁ ବିଦ୍ୟୁତ ବିଭାଗ କର୍ମଚାରୀ ବୋଲି ପରିଚୟ ଦେଇ ଯୋରଜବରଦସ୍ତ ତାଙ୍କ ଘରେ ପଶିଥିଲେ। ସେମାନଙ୍କୁ ପଚାରିବାରୁ ମିଟର ରିଡିଂ କରିବାକୁ ଆସିଥିବା କହିଥିଲେ। ପୁଅ ଥିବାବେଳେ ଆସିବେ ବୋଲି ଚନ୍ଦ୍ରପ୍ରଭା କହିବାରୁ ସେମାନେ ଗାଳିଗୁଲଜ କରିବା ସହ ମିଟର ଉପାଡ଼ି ଫିଙ୍ଗିଦେଇଥିଲେ। ବଳପୂର୍ବକ ଏକ କାଗଜରେ ଦସ୍ତଖତ କରାଇ ନେଇଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚନ୍ଦ୍ରପ୍ରଭା ଦାବି କରିଛନ୍ତି। ଏ ନେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଦ୍ୟୁତ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଶିବ ପ୍ରସାଦ ସ୍ୱାଇଁ କହିଛନ୍ତି।

## ଚାଷୀ ପଞ୍ଜୀକରଣ ସମୟ ବୃଦ୍ଧି ନେଇ କଂଗ୍ରେସର ଦାବି


ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା କଂଗ୍ରେସର ପ୍ରତିନିଧି ମଣ୍ଡଳୀ।

**ରାଜ୍ୟପାଳଙ୍କୁ ଭେଟିଲା ପ୍ରତିନିଧି ମଣ୍ଡଳୀ**

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ଓଡ଼ିଶା ସରକାର ଚାଷୀଙ୍କଠାରୁ ଚଳିତବର୍ଷର ସମସ୍ତ ବଳକା ଖରିଫ୍ ଧାନ ସଂଗ୍ରହ କରିବା ପାଇଁ ନାମ ପଞ୍ଜୀକରଣ କରିବାକୁ ଜୁଲାଇ ୧୫ରୁ ଅଗଷ୍ଟ ୧୬ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ପୂର୍ବକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତଦନୁଯାୟୀ ବର୍ତ୍ତମାନ ସୁଦ୍ଧା ଯାହା ଜଣାପଡ଼ିଛି, ଅନେକ କୃଷି ସେବା ସମବାୟ ସମିତିରେ କର୍ମଚାରୀ ନ ଥିବା ଏବଂ ସମୟ ସୀମିତ ଦୃଷ୍ଟିରୁ ରାଜ୍ୟର ପାଖାପାଖି ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷୀ ଏହି ସମୟସୀମା ମଧ୍ୟରେ ଧାନ ବିକିବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନାହାନ୍ତି। ଆସନ୍ତା ଶନିବାର ଓ ରବିବାର ସରକାରୀ ଛୁଟି। ବଳକା ଥିବା ଅନ୍ୟ ସମସ୍ତ ଚାଷୀଙ୍କ ନାମ ପଞ୍ଜୀକରଣ କରିବା ବୋଧହୁଏ ଆଉ ସମ୍ଭବପର ନୁହେଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ସରକାରଙ୍କ ପକ୍ଷରୁ ଚଳିତବର୍ଷର ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ସମୟସୀମା ଆଉ ମାସେ ବୃଦ୍ଧି ଲାଗି କଂଗ୍ରେସ ଦାବି କରିଛି। ଏନେଇ ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଜିଲା କିଷାନ କଂଗ୍ରେସ କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ସହିତ ରାଜଭବନଠାରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି।

## ବଜ୍ରପାତରେ ମହିଳା ମୃତ

ନିମାପଡ଼ା,୧୨।୮(ଡି.ଏନ୍.ଏ.)

ନିମାପଡ଼ା ଥାନା ବିଅଁଳ ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଝୁନିଲତା ପ୍ରଧାନ। ଏ ନେଇ ମୃତ ମହିଳାଙ୍କ ପୁଅ ପ୍ରେମାନନ୍ଦ ପ୍ରଧାନ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ଅପରାହ୍ନରେ ଝୁନିଲତା ବିଲରେ ଧାନତଳି ରୋଉଥିବାବେଳେ ବଜ୍ରପାତ ହେବାରୁ ସେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ଆସି ତାଙ୍କୁ ପିପିଲି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝୁନିଲତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବଜ୍ରପାତରେ ଜଳିଗଲା ଘର, ୩ ଗୁରୁତର

ସାକ୍ଷୀଗୋପାଳ,୧୨।୮(ଡି.ଏନ୍.ଏ.)

ସତ୍ୟବାଦୀ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷାରେ ୩ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେମାନେ ହେଲେ ବୀରରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପରିଛାବାଡ଼ ଗ୍ରାମର ମଙ୍ଗୁଳି ବେହେରା, ତାଙ୍କ ସ୍ତ୍ରୀ କନକ ଓ ଝିଅ ମମତା। ମଙ୍ଗୁଳିଙ୍କ ଘର ଉପରେ ବଜ୍ରପାତ ହେବାରୁ ତାଙ୍କର ୨ ବଖରା ଘର ଜଳିଯାଇଛି। ସେମାନେ ଘରେ ଅଚେତ ହୋଇ ପଡ଼ିଥିଲେ। ତାଙ୍କ ପୁତୁରା ନନ୍ଦ ବେହେରା ଦାଦା ମଙ୍ଗୁଳିଙ୍କ ଘରକୁ ଆସିଥିବା ବେଳେ ଏହା ଦେଖି ସମସ୍ତଙ୍କୁ ଖବର ଦେଇଥିଲେ। ସରପଞ୍ଚ ପ୍ରସନ୍ନ ଷଡ଼ଙ୍ଗୀ ଓ ଗ୍ରାମବାସୀ ପହଞ୍ଚି ଡାକ୍ତରଖାନା ନେଇଥିଲେ ।

## ସବୁ ବର୍ଗରୁ ମତ ନେଲେ ଶିଶୁ ସୁରକ୍ଷା ଅଧିକାର ଆୟୋଗ

**ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ସଜବାଜ**

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

କୋଭିଡ୍ ସ୍ଥିତିରେ ସୁଧାର ଆସିବା ପରେ ରାଜ୍ୟରେ ଦଶମ, ଦ୍ୱାଦଶ ପାଠପଢ଼ା ଆରମ୍ଭ ହୋଇଛି। ଆସନ୍ତା ୧୬ରୁ ନବମ ଶ୍ରେଣୀ ଖୋଲିବାକୁ ଯାଉଛି। ଏଭଳି ସ୍ଥିତିରେ ପ୍ରାଥମିକ ଶ୍ରେଣୀ ଖୋଲିବା ନେଇ ରହିଥିବା ସମସ୍ୟା ଓ ସମ୍ଭାବନା ଉପରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିଆର୍‌ପିସି) ଦ୍ୱାରା ଏକ ବିମର୍ଶ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନିଆଯାଇଥିଲା। ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଲେ, ବିଦ୍ୟାଳୟ ବନ୍ଦ ବେଳେ ଅନେକ ପିଲା ବିଭିନ୍ନ କାରଣ ପାଇଁ ଇଣ୍ଟରନେଟ୍‌ଭିତ୍ତିକ ଶିକ୍ଷାରୁ ବାହାରେ ରହିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଅଧିକାର ବାଧାପ୍ରାପ୍ତ ହେଉଛି ଓ ସେମାନେ ଅସୁରକ୍ଷିତ ହେଉଛନ୍ତି। ତେଣୁ ପ୍ରାଥମିକ ଶିକ୍ଷାକୁ ପିଲାଙ୍କ ପାଖରେ ପହଞ୍ଚାଇବା ପାଇଁ ଆମକୁ ପ୍ରୟାସ କରିବାକୁ ପଡ଼ିବ। ମତାମତ ଆଧାରରେ ସ୍କୁଲ୍ ଖୋଲିବା ନେଇ ବିଭାଗକୁ ଖୁବ୍‌ଶୀଘ୍ର ପରାମର୍ଶ ପ୍ରଦାନ କରାଯିବ ବୋଲି ଆୟୋଗ ଅଧ୍ୟକ୍ଷା କହିଛନ୍ତି।



ଓଏସ୍‌ସିଆର୍‌ପିସି ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସନ୍ଦୀପ ନାୟକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ସହକାରୀ ନିର୍ଦ୍ଦେଶକ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ଓସେପା ଯୋଜନା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ପ୍ରଦୀପ ନାୟକ ଯୋଗଦେଇଥିଲେ। ସରକାର ନେଇଥିବା ସମସ୍ତ ବିକଳ୍ପ ଉପରେ ମଧ ଆଲୋଚନା ହୋଇଥିଲା। ଏଥିରେ ବିଭିନ୍ନ ଜିଲାର ଛାତ୍ରୀଛାତ୍ର, ଶିକ୍ଷକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଶିକ୍ଷା ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ମତ ରଖିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଖୋଲିବାକୁ ଦାବି ରଖିଥିଲେ। ପର୍ଯ୍ୟାୟକ୍ରମେ ଶ୍ରେଣୀଗୁଡ଼ିକୁ ଖୋଲିବା, ସ୍ୱଚ୍ଛତା ଉପରେ ଧ୍ୟାନ ଦେବା, ସମସ୍ତଙ୍କ ଟିକାକରଣକୁ ସୁନିଶ୍ଚିତ କରିବା, ବିଦ୍ୟାଳୟ ପରିଚାଳନା କମିଟିର ମତାମତ ନିଆଯିବା ଉପରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ଆକ୍ସନଏଡ୍‌ର କାର୍ଯ୍ୟକ୍ରମ ପ୍ରବନ୍ଧକ ଘାସିରାମ ପଣ୍ଡା ପରିଚାଳନା କରିଥିଲେ। ଆୟୋଗ ସଦସ୍ୟା ଦିବ୍ୟା ଶାଶ୍ୱତୀ ଧନ୍ୟବାଦ ଦେଇଥିଲେ।

## ମୋବାଇଲ୍ ଚୋରକୁ ପୋଲିସ ଜିମା

**ସାଲେପୁର,(ଡି.ଏନ୍.ଏ.):** ସାଲେପୁର ହାଟରୁ ଗୁରୁବାର ମୋବାଇଲ୍ ଚୋରି କରିବାକୁ ଉଦ୍ୟମ ବେଳେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ସାଲେପୁର ସାପ୍ତାହିକ ହାଟରୁ ଜଣେ ସେନାକର୍ମଚାରୀ ପନିପରିବା କିଣୁଥିବାବେଳେ କଲିକତା ଅଞ୍ଚଳର ଜଣେ ଯୁବକ ତାଙ୍କ ପକେଟ୍‌ରୁ ମୋବାଇଲ୍ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଯାଇଥିଲେ। ଏ ସମ୍ପର୍କରେ ସାଲେପୁର ଆଇଆଇସି ମୃଣ୍ମୟ କୁମାର ସେନାପତି କହିଛନ୍ତି, ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି। କିନ୍ତୁ ଲିଖିତ ଅଭିଯୋଗ ହୋଇ ନଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

## ସଂକ୍ଷେପରେ

### ସଫେଇ ଦ୍ୱାରା ମଠ ପୁନରୁଦ୍ଧାର ପ୍ରୟାସ

**କଟକ ଅଫିସ,୧୨।୮(ଡି.ଏନ୍.ଏ.):** କଟକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ତରଫରୁ ମାନସିଂହପାଟଣାସ୍ଥିତ ମନ୍ତ୍ରରାମ ମଠରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି ମଠଟିର ବୈଶିଷ୍ଟ୍ୟ ହେଉଛି ଏଠାରେ ବିଶ୍ୱର ସବୁଠୁ ଆକାରରେ ବଡ଼ ଥିବା ପ୍ରଭୁ ଗରୁଡ଼ଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛନ୍ତି। କିମ୍ବଦନ୍ତୀ ଅନୁଯାୟୀ ଏହି ପ୍ରତିମୂର୍ତ୍ତିର ଆକାର ଧୀରେ ଧୀରେ ବଢୁଛି। କିନ୍ତୁ ପରିତାପର ବିଷୟ ଏହି ପୁରାତନ କୀର୍ତ୍ତି ଏବେ ଅବହେଳିତ ହୋଇପଡ଼ିଛି। ବିଭିନ୍ନ ସମୟରେ ଏହି ମଠର ପୁନରୁଦ୍ଧାର ପାଇଁ ପ୍ରଶାସନ ତରଫରୁ ଅନୁଦାନ ଆସୁଥିଲେ ମଧ ତାହା ଠିକ ଭାବେ କାର୍ଯ୍ୟରେ ଲାଗିପାରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଟ୍ରଷ୍ଟ ପକ୍ଷରୁ ମଠ ସଫେଇ କାର୍ଯ୍ୟକ୍ରମ ସହ ମଠ ପୁନରୁଦ୍ଧାର ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ପ୍ରଶାସନ ଓ ପ୍ରତ୍ନତାତ୍ତ୍ୱିକ ବିଭାଗକୁ ଅନୁରୋଧ କରାଯିବ।

### କଂଗ୍ରେସର ସାଙ୍ଗଠନିକ ବୈଠକ

**କଟକ ଅଫିସ,୧୨।୮:** କଟକ ମହାନଗର ନିଗମ ଅନ୍ତର୍ଗତ ଶିଖରପୁର ୪୬ ନଂ. ୱାର୍ଡ କଂଗ୍ରେସର ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା ଯୋଗଦେଇ ୱାର୍ଡରେ ଅଧିକରୁ ଅଧିକ ମହିଳା ଓ ଯୁବକଙ୍କୁ ସଙ୍ଗଠନରେ ସାମିଲ କରିବା ସହ ଅଞ୍ଚଳର ମୌଳିକ ସମସ୍ୟାକୁ ନେଇ ଆନ୍ଦୋଳନ କରିବାକୁ ଅହ୍ୱାନ ଦେଇଥିଲେ। ଏହି ଅବସରରେ ୪୬ ନଂ. ୱାର୍ଡର କଂଗ୍ରେସ ସଭାପତି ସୌମେନ୍ଦ୍ର ମହାନ୍ତି ଓ ସମ୍ପାଦକ ଭାବେ ଦିଲୀପ ନାୟକଙ୍କୁ ମନୋନୀତ କରାଯାଇଥିଲା। କଂଗ୍ରେସ ନେତା ଜିତେନ୍ଦ୍ର ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆକାଶ ଭୂୟାଁ, ମାନସ ପରିଡା, ରଶ୍ମୀ ରଞ୍ଜନ ମିଶ୍ର, ଜିଲା କଂଗ୍ରେସ ଉପସଭାପତି ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ଦିଲୀପ ଦଳାଇ, ଅଜୟ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ସଂଯୋଗ ଅପେକ୍ଷାରେ ୪୧୩ ହିତାଧିକାରୀ

**କଟକ ସଦର,୧୨।୮(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ମାଗଣା ବିଦ୍ୟୁତ୍ ସଂଯୋଗ ଦିଆଯିବା ପାଇଁ ଗତ ଜୁଲାଇରୁ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିପାଇଁ କନ୍ଦରପୁର, କିଶନନଗର, ୪୨ମୌଜା ଓ ଗୋପାଳପୁର ବିଦ୍ୟୁତ୍ ସେକ୍ସନ ପକ୍ଷରୁ ସର୍ଭେ ଆରମ୍ଭ ହୋଇଛି। ହେଲେ ୨୦୧୬-୧୭ ବର୍ଷରୁ ବିଜୁ ପକ୍କାଘର ପାଇଥିବା ହିତାଧିକାରୀଙ୍କୁ ମାଗଣା ବିଦ୍ୟୁତ୍ ସଂଯୋଗ ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୦-୨୧ ବର୍ଷ ସୁଦ୍ଧା ଏହି ବ୍ଲକର ୪୧୩ ଜଣ ବିଜୁ ପକ୍କାଘର ହିତାଧିକାରୀ ରହିଛନ୍ତି। ଘର କରିଥିଲେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ପାଇଁ ଆଜିପର୍ଯ୍ୟନ୍ତ ରାଜ୍ୟ ସରକାର କୌଣସି ବ୍ୟବସ୍ଥା କରି ନ ଥିବା ଟାଟା ପାୱାର କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ୧୯୯୭ ବିପିଏଲ୍ ଅନୁସାରେ ସବୁ ଘରକୁ ରାଜୀବଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ମାତ୍ର ୨୦୧୬-୧୭ ଆର୍ଥିକ ବର୍ଷରୁ ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ହିତାଧିକାରୀଙ୍କୁ ମାଗଣା ବିଦ୍ୟୁତ୍ ସଂଯୋଗ ଦେବା ବ୍ୟବସ୍ଥା କରାଯାଇଛି। ସେହିପରି ବିଜୁ ପକ୍କାଘର ହିତାଧିକାରୀଙ୍କୁ ରାଜ୍ୟ ସରକାର ମାଗଣା ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ହିତାଧିକାରୀମାନଙ୍କ ପକ୍ଷରୁ ଦାବି ହେଉଛି।

### ଗାନ୍ଧୀ ସଙ୍ଗୀତରେ ବିମୋହିତ ଦର୍ଶକ

**ଭୁବନେଶ୍ୱର,୧୨।୮(ବ୍ୟୁରୋ):** ଦୀର୍ଘଦିନ ଧରି ରବୀନ୍ଦ୍ର ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ଗୁରୁବାର ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ଆଜାଦି କା ଅମୃତ' ମହୋତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ଗାନ୍ଧୀ ଗୀତ' ଓ 'ନୃତ୍ୟ ନାଟିକା' ଆୟୋଜିତ ହୋଇଯାଇଛି। ଏକାଡେମୀର ସଭାପତି ଅରୁଣା ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଅତିଥି ଭାବେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ପ୍ରଦୀପ ପଲାଇ, ବସନ୍ତ ପାତ୍ର, ମଧୁଲିତା ପରିଡ଼ା, ବର୍ଣ୍ଣାଳି ହୋତା, ଶୁଭଦ୍ରା ଶୁଭଦର୍ଶିନଙ୍କ ସମେତ କରୁଣାକର ସେଠୀ, ସୁଧାକର ମିଶ୍ର, ମାନସୀ ପାତ୍ର ପ୍ରମୁଖଙ୍କ ସୁମଧୁର କଣ୍ଠରେ ଗାନ୍ଧୀ ଗୀତ ପରିବେଷଣ କରିଥିଲେ। ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା।

# ଥାନା ଆଗରେ ମୃତଦେହ ରଖି ଗ୍ରାମବାସୀଙ୍କ ଧାରଣା

### କାଠଖୁଣ୍ଟରେ ପୂର୍ବଶତ୍ରୁତାରୁ ହତ୍ୟା ଘଟଣା

**ନରସିଂହପୁର,୧୨।୮(ସ୍ୱ.ପ୍ର.)**


ଥାନା ଆଗରେ ପରିବାର ଲୋକେ ଓ ଗ୍ରାମବାସୀ ମୃତଦେହ ରଖି ପ୍ରତିବାଦ କରୁଛନ୍ତି।

ନରସିଂହପୁର ଥାନା ଅନ୍ତର୍ଗତ କାଠଖୁଣ୍ଟ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗତ ୮ ତାରିଖରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ବେଳେ ସ୍ୱାମୀ ଶିବ ମହାଲିକ ଓ ପୁଅ ଆଲୋକ ମହାଲିକ ଗୁରୁତର ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ନିମନ୍ତେ କଟକ ବଡମେଡିକାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ରାତିରେ ଚିକିତ୍ସାଧୀନ ଥିବା ଆଲୋକଙ୍କ ମୃତ୍ୟୁ ଘଟିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁବାର ଶତାଧିକ ଗ୍ରାମବାସୀ ଥାନା ଆଗରେ ଆଲୋକଙ୍କ ମୃତଦେହ ରଖି ଧାରଣା ଦେଇଥିଲେ। ଠିକାଦାରୀ କାମରେ ପଇସା ଭାଗ ବଣ୍ଟାକୁ ନେଇ ମୃତ ଆଲୋକଙ୍କ ସହ ଉକ୍ତ ଗ୍ରାମର ଅର୍ଦ୍ଧେନ୍ଦୁ ମହାଲିକଙ୍କ ଗଣ୍ଡଗୋଳ ହୋଇଥିଲା। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଅର୍ଦ୍ଧେନ୍ଦୁ ଓ ତାଙ୍କ ପରିବାର ଲୋକେ ମିଶି ଆଲୋକଙ୍କ ଘରେ ଉପରେ ଅତର୍କିତଭାବେ ଆକ୍ରମଣ କରିଥିଲେ। ଏଥିରେ ଆଲୋକଙ୍କ ମା ବିନୋଦିନୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମାମଲା (ନଂ.୧୨୧/୨୧)ରୁଜୁ କରାଯାଇ ପୂର୍ବରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଆଲୋକଙ୍କ ମୃତ୍ୟୁ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରି ଗ୍ରାମବାସୀ ପକ୍ଷରୁ ଧାରଣା ଦିଆଯାଇଥିଲା। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଥିଲା। ପ୍ରଶାସନ ତରଫରୁ ମୃତକଙ୍କ ପରିବାରକୁ ୨୦ହଜାର ଟଙ୍କା ଦିଆଯିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସ୍ୱାଧୀନତା ଦିବସ ପାଇଁ ହାଇଟେକ୍ ସୁରକ୍ଷା

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

- ଜାରି ହେଲା ଟ୍ରାଫିକ କଟକଣା
- ଗ୍ୟାସ୍ ବେଲୁନ ବିକ୍ରୟ ନିଷେଧ

ଆସନ୍ତା ରବିବାର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାଳ ୮ଟାରେ ପତାକା ଉତ୍ତୋଳନ କରି ୯ଟା ୫ରେ ଫେରିଯିବେ। କରୋନା କଟକଣା ପାଇଁ ଚଳିତବର୍ଷ ସ୍ୱାଧୀନତା ଦିବସରେ ପରେଡ୍ ହେଉ ନ ଥିବାବେଳେ କେବଳ ଜାତୀୟ ପତାକାକୁ ସଲାମୀ ଦିଆଯିବ। ଏହି ସମାରୋହରେ ୭୦ଜଣ ନିମନ୍ତ୍ରିତ ଅତିଥି ଓ ୪୦ ରୁ ୫୦ଜଣ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦେଶରେ ଆତଙ୍କବାଦୀ ଆକ୍ରମଣ ନେଇ ଧମକ ଦିଆଯାଇଥିବାରୁ କମିଶନରେଟ୍ ପୋଲିସ ପକ୍ଷରୁ ହାଇଟେକ ସୁରକ୍ଷା ବ୍ୟବସ୍ଥା ହୋଇଛି। ପରେଡସ୍ଥଳର ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାବେଳେ କୁଇକ୍ ରେସପନ୍ସ ଟିମ୍(କ୍ୟୁଆର୍‌ଟି), କୁଇକ୍ ଆକ୍ସନ ଟିମ୍‌ଙ୍କୁ ମୁତୟନ କରାଯିବ। ସହରର ବିଭିନ୍ନ ହୋଟେଲ, ଲଜ, ଷ୍ଟେଶନ, ବସ୍‌ଷ୍ଟାଣ୍ଡ ସହ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଉପରେ ପୋଲିସ କଡ଼ା ନଜର ରଖିଥିବାବେଳେ ରୋଡ୍ ବ୍ଲକିଂ ଓ ଯାନବାହନ ଯାଞ୍ଚ କରାଯିବ।

ଏଥିସହ ରାଜଧାନୀରେ ଟ୍ରାଫିକ କଟକଣା ଜାରି କରାଯାଇଛି। ସକାଳ ସାଢ଼େ ୬ଟାରୁ ସ୍ୱାଧୀନତା ଦିବସ ସମାରୋହ ସରିବା ପର୍ଯ୍ୟନ୍ତ ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତା (ରାମମନ୍ଦିର ଛକଠାରୁ ହାଉସିଂବୋର୍ଡ ଛକ)ରେ ଯାନବାହନ ଚଳାଚଳ ବନ୍ଦ ରହିବ। ଅପରପାର୍ଶ୍ୱକୁ ଯିବାକୁ ଚାହୁଁଥିବା ଲୋକେ ହାଉସିଂବୋର୍ଡ ଛକପଟୁ ଏମ୍‌ବିବିଏସ୍ ସ୍କୁଲ୍ ଓ ରାମ ମନ୍ଦିର ଛକପଟୁ ସେଣ୍ଟ ଜୋସେଫ୍ ସ୍କୁଲ୍ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ। ସକାଳୁ ସମାରୋହ ସରିବା ପର୍ଯ୍ୟନ୍ତ ମଧୁସୂଦନ ମାର୍ଗରେ ଥିବା ହାଉସିଂବୋର୍ଡ ଓ ରାମମନ୍ଦିର ରାସ୍ତା ଏବଂ ଏହାର ଆଖପାଖ ଅଞ୍ଚଳରେ ଗ୍ୟାସ ବେଲୁନ୍ ବିକ୍ରୟକୁ ନିଷେଦ୍ଧ କରାଯାଇଛି। ନିୟମ ଖିଲାପ କଲେ ୫୦୦ଟଙ୍କାରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ।

# ଘରେ ପଶିଲା ବର୍ଷା ପାଣି


ବର୍ଷା ପରେ ସାଲେପୁରର ଏକ ରାସ୍ତା ଉପରେ ପାଣି ଜମି ରହିଛି।

### ସାଲେପୁରରେ ଦୁଇ ଘଣ୍ଟା ବର୍ଷିଲା

**ସାଲେପୁର, ୧୨।୮(ଡି.ଏନ୍.ଏ.)**

ସାଲେପୁରରେ ସନ୍ଧ୍ୟା ୫ଟା ରୁ ୭ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ଧରି ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଛି। ଏଥିରେ ରାସ୍ତା ଉପରେ ପ୍ରାୟ ୩ ଫୁଟ ଉଚ୍ଚର ପାଣି ଚାଲିଥିବାବେଳେ ଚନ୍ଦ୍ରାଦେଇପୁର ଗ୍ରାମରେ ବହୁ ଲୋକଙ୍କ ଘରେ ପାଣି ପଶିଯାଇଛି। ସାଲେପୁର-କୁଆଁପାଳ ରାସ୍ତାର ଲୁଣାହାର ପୋଲଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ପ୍ରାୟ ୩ ଶହ ମିଟର ରାସ୍ତାରେ ପାଣି ଜମି ରହିଛି। ସେହିପରି ବୋଦାମୁଣ୍ଡାଇ ବଜାର ସମେତ ଧର୍ମାଗତପୁର, ଗଙ୍ଗେଶ୍ୱର ପାଖ ବଜାରରେ ମଧ ପାଣି ଜମା ହୋଇ ରହିଛି। ସାଲେପୁର ହାଇସ୍କୁଲ ପଡ଼ିଆ ଓ ମଧୁମଣ୍ଡପ ନିକଟ ରାସ୍ତାରେ ପାଣି ଲହଡ଼ି ମାରୁଛି। ଡ୍ରେନେଜ୍ ସମସ୍ୟା ଯୋଗୁ ପାଣି ନିଷ୍କାସନ ହୋଇ ନ ପାରି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବହୁ ଖାଲୁଆ ଚାଷଜମି ପାଣିରେ ବୁଡ଼ି ଯାଇଛି। ଅପରପକ୍ଷେ ବର୍ଷା ପରେ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି।

# କଟକ ରେଳ ଷ୍ଟେଶନକୁ ଅନ୍ତର୍ଜାତୀୟ ସ୍ତରୀୟ କରାଯାଉ

**କଟକ ଅଫିସ, ୧୨।୮**

ଭାଜପା କଟକ ନଗର ଶାଖା ପକ୍ଷରୁ ଗୁରୁବାର ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ କଟକ ରେଳ ଷ୍ଟେଶନର ଭିତ୍ତିଭୂମି ସମ୍ପ୍ରସାରଣ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ମଣ୍ଡଳୀ ଗତ ୬ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀସ୍ଥିତ ରେଳଭବନ କାର୍ଯ୍ୟାଳୟଠାରେ ଭେଟିଥିଲେ। ସେଠାରେ କଟକ ରେଳ ଷ୍ଟେଶନର ଦୁରବସ୍ଥା ଦୂରୀକରଣ ପାଇଁ ତାଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ଦର୍ଶାଯାଇଥିଲା, ଭୁବନେଶ୍ୱରରୁ ଭାୟା ନରାଜ ଦେଇ ଯାଉଥିବା ୨୨ଟି ଟ୍ରେନ୍ ମଧ୍ୟରୁ ୮ଟିକୁ କଟକ ଷ୍ଟେଶନ ବାଟେ ନିଆଯାଉ। ସେହିପରି ଭୁବନେଶ୍ୱରରୁ ବାହାରି ଦକ୍ଷିଣପାର୍ଶ୍ୱ ଅଭିମୁଖେ ଯାଉଥିବା ମୁଖ୍ୟ ୪ଟି ଟ୍ରେନକୁ କଟକଠାରୁ ଯାତ୍ରା ଆରମ୍ଭ କରାଯାଉ। କଟକ ଷ୍ଟେଶନର ପୂର୍ବ ପଟ ଦ୍ୱାର ଜମି ଅଧିଗ୍ରହଣ କରି ପୂର୍ଣ୍ଣ ବ୍ୟବହାର ଉପଯୋଗୀ କରାଯାଉ। ସେହିପରି ଷ୍ଟେଶନର ଆଖପାଖ ଭଙ୍ଗାରୁଜା କ୍ୱାର୍ଟର୍ସ, ଷ୍ଟାଣ୍ଡ, ଜବରଦଖଲ ସ୍ଥାନକୁ ଅଧିଗ୍ରହଣ କରି ଷ୍ଟେଶନକୁ ଅନ୍ତର୍ଜାତୀୟ ସ୍ତରୀୟ କରାଯାଉ। ସେଠାରେ ମଲ୍, ରେଷ୍ଟୁରାଣ୍ଟ, ହୋଟେଲ, ପାର୍କିଂ, ପାର୍କ, ବିଶ୍ରାମଗୃହ, ଟିକେଟ ବୁକିଂ ଆଦି ଅନ୍ତର୍ଜାତୀୟ ମାନର ବ୍ୟବସ୍ଥା କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିବା ନେଇ ଖବରଦାତା ସମ୍ମିଳନୀରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲି, ସବ୍ୟସାଚୀ ମହାପାତ୍ର, ମିଡ଼ିଆ ସେଲ ମୁଖ୍ୟ ସୁବାସ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ମହାପାତ୍ର, ବିଷ୍ଣୁମୋହନ ଦାସସାମନ୍ତ, ମହମ୍ମଦ ସବିର ଓ ସଦାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶକ୍ତି ମିଶ୍ରଙ୍କ ପାଇଁ ବଢ଼ିଲା ସହାୟତାର ହାତ

**ଭୁବନେଶ୍ୱର, ୧୨।୮ (ବ୍ୟୁରୋ)**

କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ଆରୋଗ୍ୟ ପାଇଁ ସହଯୋଗର ହାତ ବଢାଇଛି ସଙ୍ଗୀତ ଅନୁଷ୍ଠାନ ଗୋଲ୍ଡେନ୍ ଗୀତ୍ ଗଜଲ ଟ୍ରଷ୍ଟ ଓ ମ୍ୟୁଜିକ୍ ସିଜଲର୍ସ। ଏହି ଦୁଇ ଅନୁଷ୍ଠାନ ପକ୍ଷରୁ ଏକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଶକ୍ତି ମିଶ୍ରଙ୍କ ଆରୋଗ୍ୟ କାମନା କରାଯାଇଥିଲା। ଅଗଣିତ ଦର୍ଶକ ଏହାକୁ ଉପଭୋଗ କରିବା ସହ ଅଧିକାଂଶ ଶକ୍ତି ମିଶ୍ରଙ୍କ ଆରୋଗ୍ୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସଂଗୃହୀତ ୮୬ହଜାର ୬ଶହ ୩୮ଟଙ୍କାକୁ ଚେକ୍ ମାଧମରେ ଶକ୍ତିଙ୍କ ଢେଙ୍କାନାଳସ୍ଥିତ ବାସଭବନରେ ପ୍ରଦାନ କରାଯାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସ୍ୱୟଂ ପାଢୀ, ଶଶାଙ୍କ ଶେଖର, ଅନ୍ତରା ଚକ୍ରବର୍ତ୍ତୀ, ତାରିଖ ଆଜିଜ୍, ଗୌତମ ଗିରି, ମହମ୍ମଦ ଅଜିଜ୍, ସୀମା ମହାନ୍ତି, ମହମ୍ମଦ ନାସିର୍, ଶର୍ମିଳା ସିଂ ସଙ୍ଗୀତ ପରିବେଷଣ କରିଥିଲେ।


କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କୁ ଦୁଇ ଅନୁଷ୍ଠାନର କର୍ମକର୍ତ୍ତା ସହାୟତା ପ୍ରଦାନ କରୁଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟବିତ୍ତ ପରିବାର ମହାସଂଘର ସ୍ମାରକପତ୍ର


ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

**ଭୁବନେଶ୍ୱର, ୧୨।୮ (ବ୍ୟୁରୋ)**

ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗୁରୁବାର ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଷ୍ଟ୍ରୀୟ ସଭାପତି ପ୍ରଦୀପ ମିଶ୍ରଙ୍କ ନେତୃତ୍ୱରେ ଚାରିଜଣିଆ ପ୍ରତିନିଧି ମଣ୍ଡଳୀ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, କରୋନା ମହାମାରୀ ସମୟରେ ଜୀବନ ଜୀବିକା ହରାଇ ଭୋକ ଉପାସରେ ରହିଥିବା ମଧ୍ୟବିତ୍ତ ଶ୍ରେଣୀ ପରିବାରକୁ ଅଣଦେଖା କରାଯାଉଛି। ମଧ୍ୟବିତ୍ତବର୍ଗଙ୍କ ସଂଖ୍ୟା ନିରୂପଣ କରିବା, ସାମାଜିକ ଓ ଅର୍ଥନୈତିକ ସ୍ଥିତି ଚିହ୍ନଟ ପାଇଁ ଥିବା ଆଇନକୁ ତର୍ଜମା କରି ନୂତନ ଆଇନ ପ୍ରଣୟନ, ମଧ୍ୟବିତ୍ତ କମିଶନ ଗଠନ, ଶିକ୍ଷା ଓ ସରକାରୀ ଚାକିରି କ୍ଷେତ୍ରରେ ୧୨ ପ୍ରତିଶତ ସ୍ଥାନ ସଂରକ୍ଷଣ ଓ ସମସ୍ତ ମଧ୍ୟବିତ୍ତ ପରିବାରକୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମହାସଂଘର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ କେ. ବାଲାରାଜୁ ଆଚାରୀ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କିତ ତାଲିମ ଶିବିର

**ନିଶ୍ଚିନ୍ତକୋଇଲି, ୧୨।୮(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତ ଅଧୀନ ସାଙ୍କିଲୋଠାରେ ଅନନ୍ୟା ମହିଳା ବିକାଶ ସମିତି ପକ୍ଷରୁ ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାନେତ୍ରୀ ରୁକ୍ମଣୀ ନାୟକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଭୁବନେଶ୍ୱରର ବୈଜ୍ଞାନିକ ଡ. ଲିପି ଦାସ, ବରିଷ୍ଠ ବୈଜ୍ଞାନିକ ଡ. ସଚ୍ଚିଦାନନ୍ଦ ସ୍ୱାଇଁ, ଡ. ବିଶ୍ୱନାଥ ସାହୁ, ରବିଶଙ୍କର ପଣ୍ଡା, ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ମହିଳାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବହୁସମୟରେ ଫଳ ଓ ପନିପରିବାଗୁଡିକର ଅଭାବୀ ବିକ୍ରି ହେଉଛି। ମହିଳାମାନେ ଶସ୍ତାରେ ସେଗୁଡିକୁ ବିକ୍ରି ନକରି ଖାଦ୍ୟ ପ୍ରକ୍ରିୟାକରଣ ଯୋଗେ ବହୁଦିନ ପର୍ଯ୍ୟନ୍ତ ସାଇତି ରଖି ଆର୍ଥିକ ଲାଭ ଉଠାଇ ପାରିବେ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନ ସମ୍ପାଦିକା ମନୋରମା ନାୟକ, କୋଷାଧକ୍ଷା ନିର୍ମଳା ନାୟକ ଉପସ୍ଥିତ ଥିଲେ। ଅଜୟ ନାୟକ, ସଞ୍ଜନ ନାୟକ ଓ ସୁଧାଂଶୁ ଶେଖର ନାୟକ ପରିଚାଳନା କରିଥିଲେ।

# 'ସ୍ୱାଧୀନତା ସଂଗ୍ରାମୀ ପ୍ରେରଣାଦାୟକ ଉତ୍ସ'

**କଟକ ଅଫିସ, ୧୨।୮**

କଟକ ଏନ୍‌ସିସି ଗ୍ରୁପ ହେଡ୍‌କ୍ୱାର୍ଟରଠାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କମାଣ୍ଡିଂ ଅଫିସର ଲ୍ୟୁଟ୍‌ନାଣ୍ଟ କର୍ନେଲ ସଞ୍ଜୀବ ଦିବାନ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମୀମାନେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ଉତ୍ସ। ସେମାନଙ୍କ ଅନୁଭୂତିରୁ ଅନେକ କିଛି ଶିଖିବା ଆବଶ୍ୟକ। ସେହିପରି ଗ୍ରୁପ୍ କମାଣ୍ଡର କର୍ନେଲ ରଜନୀଶ କପୁର ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ନାତି ଡ. ପ୍ରଶାନ୍ତ ଦାସ ଓ ବିନୋଦ କାନୁନ୍‌ଗୋଙ୍କ ପୁତ୍ର ଡ. ପାବକ କାନୁନ୍‌ଗୋଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କର୍ନେଲ କପୁର କହିଥିଲେ, ସ୍ୱାଧୀନତା ସଂଗ୍ରାମୀମାନେ ଲୋକମାନଙ୍କୁ ସେମାନଙ୍କ ଅଧିକାର ଏବଂ ଶକ୍ତି ବିଷୟରେ ଅବଗତ କରାଇଥିଲେ। କରୋନା ମହାମାରୀ ଯୋଗୁ ଅଳ୍ପ ସଂଖ୍ୟକ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ଡାକିଲୁ। ପରିସ୍ଥିତିରେ ସୁଧାର ଆସିବା ପରେ ଅଧିକାଂଶଙ୍କ ସହିତ ଯୋଗାଯୋଗ କରିବୁ। ଡ. ଦାସ ଏବଂ କାନୁନ୍‌ଗୋ ଏନ୍‌ସିସି କ୍ୟାଡେଟ୍ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ।

# ଆଠଗଡ଼ ଷ୍ଟାଡିୟମ ରାଧାନାଥ ରଥଙ୍କ ନାମରେ କରିବାକୁ ଦାବି

**ଆଠଗଡ଼, ୧୨।୮(ସ୍ୱ.ପ୍ର.)**

ଆଠଗଡ଼ର ଅନେକ ଅନୁଷ୍ଠାନ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରାଯାଇଛି। ତେଣୁ ଏଠାକାର ବରପୁତ୍ର ତଥା ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ନାମରେ ଆଠଗଡ଼ ଇନ୍‌ଡୋର ଷ୍ଟାଡିୟମକୁ ନାମିତ କରିବାକୁ ଆଠଗଡ଼ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏଭଳି ହେଲେ ରାଧାନାଥଙ୍କୁ ତାଙ୍କ ଜନ୍ମମାଟିରେ ପ୍ରକୃତ ସମ୍ମାନ ମିଳିପାରିବ। ଏଥିସହ ତାଙ୍କୁ ଭଲ ପାଉଥିବା ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିକାଶ ପରିଷଦ ପକ୍ଷରୁ ଉପଜିଲାପାଳ ଅଜାମ୍‌ର ମହାନ୍ତିଙ୍କୁ ଦିଆଯାଇଛି। ପରିଷଦର ଅଧକ୍ଷ ରାମନାରାୟଣ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ବିକାଶ ପରିଷଦର ଉପଦେଷ୍ଟା ବିକ୍ରମ କେଶରୀ ଦାଶ, ପ୍ରସାଦ ମାଝି, ଅରୁଣ କୁମାର ମହାନ୍ତି, ସୁବାସ ଚନ୍ଦ୍ର ସାହୁ ଓ ପ୍ରମୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବପିଢ଼ି ନିଜ ଅଧିକାର ପ୍ରତି ସଚେତନ ହେବା ଜରୁରୀ



ୟଙ୍ଗ ଅର୍ବାନ ୱିମେନ ଫୋରମ୍‌ର ପ୍ରତିନିଧିମାନେ ମାନବ ଶୃଙ୍ଖଳ ମାଧମରେ ସଚେତନ କରୁଛନ୍ତି।

**ଭୁବନେଶ୍ୱର, ୧୨।୮ (ବ୍ୟୁରୋ)**

ଯୁବତୀଯୁବକମାନେ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ଜଳ ପରିମଳ, ସାମାଜିକ ନ୍ୟାୟ ଓ ନିଯୁକ୍ତି କ୍ଷେତ୍ରରେ ରହିଥିବା ନିଜର ଅଧିକାର ବାବଦରେ ସଚେତନ ହେବା ଜରୁରୀ ବୋଲି ଆନ୍ତର୍ଜାତିକ ଯୁବ ଦିବସ ପାଳନ ମତ ପ୍ରକାଶ ପାଇଛି। ଗୁରୁବାର ସ୍ଥାନୀୟ ଶିଖରଚଣ୍ଡୀ ନଗରଠାରେ ଆକ୍ସନଏଡ୍ ଓ ସିସିଡବ୍ଲୁଡି ପକ୍ଷରୁ ଆନ୍ତର୍ଜାତିକ ଯୁବ ଦିବସ ଅନୁଷ୍ଠିତ ହୋଇଥିଲା। ଯୁବତୀଯୁବକମାନେ ଶିକ୍ଷିତ ଓ ସଚେତନ ହେଲେ ଯୁବଶକ୍ତିର ବିକାଶ ଅଧିକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୟଙ୍ଗ ଅର୍ବାନ ୱିମେନ ଫୋରମ୍‌ର ପ୍ରତିନିଧିମାନେ ମାନବ ଶୃଙ୍ଖଳ ମାଧମରେ ଯୁବବର୍ଗଙ୍କୁ ଉତ୍ସାହିତ କରିବା ସହ କୋଭିଡ୍ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଦମୟନ୍ତୀ ସାହୁ, ସ୍ନିଗ୍ଧା ଦାସ, ରତ୍ନପ୍ରଜ୍ଞା ନାଥଶର୍ମା ପ୍ରମୁଖ ପରିଚାଳନା କରିଥିଲେ।

# ବିଡିଓଙ୍କୁ ଦୁର୍ବ୍ୟବହାର ଅଭିଯୋଗ

### ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀଙ୍କ ନାମରେ ଏତଲା

**ବାଲିଅନ୍ତା/ବାଳକାଟୀ,୧୨।୮(ଡି.ଏନ.ଏ)**

ବାଲିଅନ୍ତା ବ୍ଲକ ବିଡିଓ ଜୟଦେବ ଦାସଙ୍କୁ ୧୮ ନଂ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ଦୁର୍ବ୍ୟବହାର କରିଥିବା ନେଇ ଗୁରୁବାର ବାଲିଅନ୍ତା ଥାନାରେ ଅଭିଯୋଗ ହୋଇଛି। ବିଡିଓ ଦାସ ନିଜେ ଥାନାକୁ ଆସି ଦୁର୍ଗାନନ୍ଦ ମିଶ୍ରଙ୍କ ବିରୋଧରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗୁରୁବାର ମଧ୍ୟାହ୍ନ ସାଢେ ୧୨ଟାରେ ବିଡିଓ ବ୍ଲକ କାର୍ଯ୍ୟାଳୟସ୍ଥିତ ନିଜ ପ୍ରକୋଷ୍ଠରେ ଏକ ବୈଠକରେ ବ୍ୟସ୍ତ ଥିଲେ। ଏହି ସମୟରେ ଦୁର୍ଗାନନ୍ଦ ତାଙ୍କ ବିନା ଅନୁମତିରେ ପ୍ରକୋଷ୍ଠ ଭିତରକୁ ପଶିଥିଲେ। ତେବେ ଦୁର୍ଗାନନ୍ଦଙ୍କୁ ବାହାରକୁ ଯିବା ପାଇଁ ବିଡିଓ କହିଥିଲେ। ହେଲେ ସେ ବାହାରକୁ ନ ଯାଇ ବିଡିଓଙ୍କ ଯୁକ୍ତିତର୍କ କରିବା ସହ ଉତ୍ତ୍ୟକ୍ତ ହୋଇ ଦୁର୍ବ୍ୟବହାର କରିଥିଲେ। ବୈଠକରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ ମଧ ସେ କାହାକଥା ଶୁଣି ନ ଥିଲେ। ବିନା ବାଧାରେ ସରକାରୀ କାଯ୍ୟ ପାଇଁ ୧ମାସ ପାଇଁ ବ୍ଲକ କାର୍ଯ୍ୟାଳୟରେ ପୋଲିସ ମୁତୟନ ସହ ତାଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ଏତଲାରେ ଉଲ୍ଲେଖ କରିଛନ୍ତି। ଏପରିକି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି, ବିଡିଓଙ୍କ ଏତଲା ଉପରେ ତଦନ୍ତ ଜାରି ରହିଛି। ଏଥିସହ ଏକ ମାମଲା (ନଂ.୨୪୮/୨୧) ରୁଜୁ କରାଯାଇଛି। ଅନ୍ୟପଟେ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ଦୁର୍ଗାନନ୍ଦ ଦାସ କହିଛନ୍ତି, ଆମ ଗ୍ରାମର କେତେଜଣ ମହିଳାଙ୍କ ସମସ୍ୟା ନେଇ ବିଡିଓଙ୍କୁ ଜଣାଇବାକୁ ଯାଇଥିଲି। କିନ୍ତୁ ୨ଘଣ୍ଟା କାଳ ଅପେକ୍ଷା ପରେ ମଧ ପ୍ରବେଶ ଅନୁମତି ନ ପାଇବାରୁ ବାଧ ହୋଇ ଭିତରକୁ ଯାଇଥିଲି। ମାତ୍ର ବିଡିଓ ମୋତେ ବାହାରିବା ପାଇଁ କହିଥିଲେ। ଏହାକୁ ନେଇ ସାମାନ୍ୟ କଥା କଟାକଟି ହୋଇଥିବା ବେଳେ ଅନ୍ୟ କିଛି ନାହିଁ ବୋଲି କହିଥିଲେ।

# ଯୁବ ଡାକ୍ତରଙ୍କ ଅସ୍ୱାଭାବିକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି, ୧୨।୮ (ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ସୁନାଇଲୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ କୁମାର କରଙ୍କ ଏକମାତ୍ର ପୁତ୍ର ଡା.ଅରୂପାନନ୍ଦ କରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ନବରଙ୍ଗପୁରରେ ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ। ହଠାତ୍ ତାଙ୍କର ଦେହ ଖରାପ ହେବାରୁ ଚିକିତ୍ସା ନିମନ୍ତେ କଟକ ନିଆଯାଉଥିଲା। ବାଟରେ ଗଲାବେଳେ କୋରାପୁଟ ନିକଟରେ ଅରୂପାନନ୍ଦଙ୍କ ମୃତ୍ୟୁ ଘଟିଛି। କୋରାପୁଟରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୈତୃକ ଗ୍ରାମ ସୁନାଇଲୋକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ନିଶ୍ଚିନ୍ତକୋଇଲି ସମିତି ଅଧ୍ୟକ୍ଷା ସବିତା ଓଝା, ଉପାଧ୍ୟକ୍ଷା ସବିତା ମହାନ୍ତି, ରମାକାନ୍ତ ମହାନ୍ତି, ଅଶୋକ କୁମାର ଓଝା ଓ କ୍ଷୀରୋଦ ପରିଡ଼ା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

**ରାତିକରେ ୨ଘରୁ ଚୋରି**

ଖୋର୍ଦ୍ଧା ଅଫିସ: ବାଘମାରୀ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ସିମୋର ପଞ୍ଚାୟତର ଗଁପୁର ଗ୍ରାମର ଦୁଇ ପରିବାରରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ମୋଟ୍ ୨୭ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ଶରତ ଦାଶଙ୍କ ପରିବାର ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘର ପଛପଟ କବାଟ ଭାଙ୍ଗି ସୁନାଅଳଙ୍କାର ସହ ୧୨ହଜାର ଟଙ୍କା ଚୋରି କରି ନେଇଛନ୍ତି। ପରେ ଏହି ଗ୍ରାମର ସନ୍ତୋଷ ଦାସଙ୍କ ଘରେ ପଶି ସୁନାଅଳଙ୍କାର ସହ ୧୫ହଜାର ଟଙ୍କା ନେଇଯାଇଛନ୍ତି। ସକାଳେ ଉଭୟ ପରିବାର ଘର ଆସବାବପତ୍ର ଏଣେତେଣେ ପଡିଥିବା ଏବଂ ଅଳଙ୍କାର ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ସାଇଣ୍ଟିଫିକ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଆକାଶିଆ କାଠ, ଟ୍ରାକ୍ଟର ଜବତ: ୯ ଗିରଫ

କୋଣାର୍କ,୧୨।୮(ଡି.ଏନ୍.ଏ.)- ସରକାରୀ ଜଙ୍ଗଲରୁ କାଠ ଚୋରି ଅଭିଯୋଗରେ ଗୁରୁବାର ପୋଲିସ ୯ଜଣଙ୍କୁ ଗିରଫ କରିଛି। ସେମାନେ ଏହି କୋଣାର୍କ ଥାନା ଅଧୀନ ଅଞ୍ଚଳର ବାନାମ୍ବର, କୈଳାସ ଗଣ୍ଡିଆ, ସୁରେନ୍ଦ୍ର, ଜଳନ୍ଧର ଗଣ୍ଡିଆ, ଉଦ୍ଧବ ଖିଟୁଆ, ମୋହନ ପ୍ରଧାନ, ପ୍ରଦୀପ ପ୍ରଧାନ, ଓକିଲ ସାହୁ ଓ ଦୀପକ ବାରିକ। ପୋଲିସ ସେମାନଙ୍କଠାରୁ ବହୁ ଆକାଶିଆ କାଠ ଓ ଗୋଟିଏ ଟ୍ରାକ୍ଟର ଜବତ ହୋଇଛି। ଏ ନେଇ ପୋଲିସ ଦୁଇଟି ମାମଲା(ନଂ.୧୩୭ ଓ ୧୩୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୋଣାର୍କ ଥାନା ଅନ୍ତର୍ଗତ ଭଗବତୀ ଓ ନଳକଣ ଜଙ୍ଗଲରୁ ଆକାଶିଆ କାଠ ଟ୍ରାକ୍ଟରରେ ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ କୋଣାର୍କ ଆଇଆଇସି, ପୋଲିସ ଖବରପାଇ ମିଳିତ ଭାବେ ଚଢ଼ାଉ କରିଥିଲେ। ୯ଜଣଙ୍କୁ ଧରିବା ସହ କାଠ ବୋଝେଇ ହୋଇଥିବା ଓଡି ୩୩କେ ୭୯୫୨ ଟ୍ରାକ୍ଟର, ଗୋଟିଏ କଟର ଓ ୭୭ ଖଣ୍ଡ କାଠ ଜବତ କରି ଥାନାକୁ ଆଣିଥିଲେ। ଥାନାରେ ପଚରାଉଚରା ବେଳେ ସେମାନେ ଚୋରା କାଠ ଚାଲାଣ କରିଥିବା ସ୍ୱୀକାର କରିଥିବା ଆଇଆଇସି ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

### ବଟି ମାଗି ୩ ଗିରଫ

ପୁରୀ ଅଫିସ, ୧୨।୮: ଦାଦାବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅଧୀନ ଲୋକନାଥ ରୋଡ୍ ବଡ଼ଆଖଡ଼ା ଯାଗା ଅଞ୍ଚଳର ରାଜେନ୍ଦ୍ର ତିୱାରୀ, ଦୋଳମଣ୍ଡପ ସାହି ନାରାୟଣୀ ଛକର ନରସିଂହ ସାମନ୍ତରାୟ ଏବଂ ବାସେଳିସାହି ଥାନା ଅନ୍ତର୍ଗତ ପାଇକ ସାହିର ରଞ୍ଜନ ଷଣ୍ଢ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଲୁହାରଡ୍ ଓ ଗୋଟିଏ ଛୁରି ଜବତ କରିଛି। ଏ ନେଇ କେସ୍ ନଂ. ୨୨୭/୨୧ ରୁଜୁ ହୋଇଛି।

### ଜମିବାଡ଼ିକୁ ନେଇ ସାନଭାଇଙ୍କୁ ଆକ୍ରମଣ, ୨ ଗିରଫ

ଡେଲାଙ୍ଗ,୧୨।୮(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଧୀନ ଗୁଡୁପାଇଲୋ ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ସାନଭାଇକୁ ଶାବଳରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବଡ଼ଭାଇ ସୁଦର୍ଶନ ପରିଡାଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲଣ କରିଛି। ଏ ନେଇ ମାମଲା ନଂ.୧୮୨/୨୧ ରୁଜୁ ହୋଇଛି। ସୂଚନା ଅନୁଯାୟୀ ଗତ ବୁଧବାର ପୂର୍ବାହ୍ନ ୧୧ଟାରେ ଅକ୍ଷୟ ପରିଡା ନୂତନ ଗୃହ ନିର୍ମାଣ ନିମନ୍ତେ ନିଅଁ ଖୋଳୁଥିଲେ। ଏହି ସମୟରେ ସୁଦର୍ଶନ ଓ ଲକ୍ଷ୍ମୀ ବାରଣ କରିଥିଲେ। ଅକ୍ଷୟ ନିଜେ କିଣିଥିବା ପ୍ଲଟରେ ନିଅଁ ଖୋଳୁଛି ବୋଲି କହିବାରୁ ଏମାନେ ତାଙ୍କୁ ମାଡ଼ମାରିବା ସହ ବାମ ଗୋଡ଼କୁ ଆକ୍ରମଣ କରିଥିଲେ। ଅକ୍ଷୟଙ୍କୁ ଗୁରୁତର ଅବସ୍ଥାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଅକ୍ଷୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ଜବରଦଖଲ ଉଚ୍ଛେଦ

ଜଟଣୀ/ଝାଁଳା,୧୨।୮(ଡି.ଏନ୍.ଏ.): ଜଟଣୀ ତହସିଲ ଅନ୍ତର୍ଗତ ଝାଁଳା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଅଭିଯୋଗ ଆଧାରରେ ଗୁରୁବାର ତହସିଲଦାର ଏହି ବେଆଇନ ଜବରଦଖଲ ଉଚ୍ଛେଦ କରିଛନ୍ତି। ସୂଚନା ମୁତାବକ, ଜଟଣୀ ଆର୍‌ଆଇ ସର୍କଲ ଅନ୍ତର୍ଗତ ଓଗାଳପଡା ଏବଂ ଉତ୍ତରମୁଣ୍ଡମୁହାଣ ଗ୍ରାମରେ ଖାତା ନଂ.୫୯୨(ଆବାଦଯୋଗ୍ୟ ଅନାବାଦୀ), ୫୯୪(ରକ୍ଷିତ), ୫୯୫(ସ୍ୱାସ୍ଥ୍ୟ ବିଭାଗ)ର ପ୍ଲଟ ନଂ.୧୬୬୫, ୨୫୧.୨୫୧୬, ୨୨୬୮ ଏବଂ ୧୭୧୫ ସହିତ ଉତ୍ତର ମୁଣ୍ଡମୁହାଣର ଖାତା ନଂ.୩୮୬(ରକ୍ଷିତ ଅନାବାଦୀ) ପ୍ଲଟନଂ.୪୬୨ ଏବଂ ୪୭୨ର ମୋଟ ୭ଟି ପ୍ଲଟ୍‌ରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ବେଳେ ତହସିଲଦାର ତପନ କୁମାର ମହାପାତ୍ର, ଝାଁଳା ଆର୍‌ଆଇ ସେହ୍ନାଶିଷ ସେଠୀ, ଅମିନ ବିପିନ ପଟ୍ଟନାୟକ, ଝାଁଳା ଫାଣ୍ଡି ଅଧିକାରୀ ପ୍ରସନ୍ନ ନାୟକ ପ୍ରମୁଖ ଥିଲେ। ଆଗାମୀ ଦିନରେ ବେଆଇନ୍ ନିର୍ମାଣକୁ ଉଚ୍ଛେଦ କରାଯିବ ବୋଲି ତହସିଲଦାର ମହାପାତ୍ର କହିଛନ୍ତି।

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ

ଗୋପ,୧୨।୮(ଡି.ଏନ୍.ଏ.)- ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବେ ଡ. ଜସ୍ମିନ ଆଫ୍ରୋଜ ଯୋଗଦେଇଛନ୍ତି। ଗୁରୁବାର ସେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଏପରି କି କେତେକ ବିଭାଗରେ କାର୍ଯ୍ୟ ଅବହେଳାକୁ ନେଇ ତାଗିଦ୍ କରିବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୌଣସି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଫ୍ରୋଜ କହିଥିଲେ। ସୂଚନାଯୋଗ୍ୟ, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାଂଶ ସମୟରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁ ନ ଥିବା, ମାଗଣା ଔଷଧ ପାଇ ପାରୁ ନ ଥିବା, ଡାକ୍ତରଖାନା ସଫାସୁତୁରା ନ ରହିବା କର୍ମଚାରୀମାନେ ଠିକ ସମୟରେ ଆସୁ ନ ଥିବା ଆଦି ଅଭିଯୋଗ ହୋଇଆସୁଥିଲା।

# କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**କଣାସ, ୧୨।୮(ସ୍ୱ.ପ୍ର.):**


ଜିଲାପାଳ ସମର୍ଥ ବର୍ମା ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

ଜିଲାପାଳ ସମର୍ଥ ବର୍ମା ଗୁରୁବାର କଣାସ ବ୍ଲକ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ସମେତ ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ଚାଲିଥିବା ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ବୁଲି ଦେଖିଛନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟ ଶୀଘ୍ର ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମେ ଜିଲାପାଳ ଅଣ୍ଡାଳସିଂହ ପଞ୍ଚାୟତର ଅଣ୍ଡାଳସିଂହ ଗ୍ରାମରେ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଓ ପରେ ଜଙ୍କିଆ ଗଡ଼ସାହି ବିଦ୍ୟା ନିକେତନ (୫-ଟି ଉଚ୍ଚ ବିଦ୍ୟାଳୟ) ପରିଦର୍ଶନ କରିଥିଲେ। ସେହିପରି ଗଡସାହି ପଞ୍ଚାୟତରେ ପାଠାଗାର, ଅଙ୍ଗନୱାଡି କେନ୍ଦ୍ର ଓ ମିଶନଶକ୍ତି ଗୃହ ବୁଲି ଦେଖିଥିଲେ। ବିନ୍ଧଣ ପଞ୍ଚାୟତର ଏ.ଜି.ସି ନୋଡାଲ ବିଦ୍ୟାପୀଠ (୫-ଟି ଉଚ୍ଚ ବିଦ୍ୟାଳୟ), ଖଣ୍ଡହଟା ପଞ୍ଚାୟତରେ ମହିଳା କମ୍ୟୁନିଟି ସେଣ୍ଟର ଓ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ସେ ଯାମଳଗୋଦା ପଞ୍ଚାୟତରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ, ଗଡ଼ିଶାଗୋଦା ପଞ୍ଚାୟତରେ ନିର୍ମିତ ପାର୍କ ଓ ଖେଳପଡ଼ିଆ, କୁଳମଣି ନୋଡାଲ ବିଦ୍ୟାପୀଠ ଅଡାଳ-ବଡାଳ (୫-ଟି ଉଚ୍ଚ ବିଦ୍ୟାଳୟ) ପରିଦର୍ଶନ କରିଥିଲେ। ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନକୁ ଯାଇ ବାଳାଶ୍ରମ ଓ ଶିଶୁଗୃହ ପରିଦର୍ଶନ କରିବା ସହିତ ଅନ୍ତେବାସୀ ଓ କର୍ମକର୍ତ୍ତାଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଦୋକନ୍ଦା ପଞ୍ଚାୟତରେ କଲ୍ୟାଣମଣ୍ଡପ ଓ ପରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

**ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ଜିଲାପାଳ**

ଗଡ଼ବଡ଼ପୁଟ ଓ ଗଡ଼ସାନପୁଟ ପଞ୍ଚାୟତରେ ଗ୍ରାମ୍ୟପାର୍କ, ୫-ଟି ଉଚ୍ଚ ବିଦ୍ୟାଳୟ, ଖେଳ ପଡ଼ିଆ ବୁଲି ଦେଖିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନପ୍ରତିନିଧିଙ୍କ ସହିତ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଜିଲାପାଳ ଆଲୋଚନା କରିଥିଲେ। ବୈଠକରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, ତହସିଲଦାର ଲକ୍ଷ୍ମୀଧର ମହାରଣା, ବିଡିଓ ଲୋଚନ ଦାସ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ କାର୍ଗିଲ ଶହୀଦ ପ୍ରମୋଦ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ଅନ୍ତର୍ଜାତୀୟ ହସ୍ତୀ ଦିବସ ଅବସରରେ ଗୁରୁବାର ପୁରୀର ସୂର୍ଯ୍ୟକାନ୍ତ ଦାସଙ୍କ ଚିତ୍ରକଳା ।

# ଜଙ୍ଗଲ ଜମିପଟ୍ଟାରୁ ବଞ୍ଚିତ ୩୦ ପରିବାର

**ବାଣପୁର,୧୨।୮(ଡି.ଏନ୍.ଏ.):**

ବାଣପୁର ବ୍ଲକ ଦାମିଆ ବରବରା ପଞ୍ଚାୟତର ପଣସଡିହ ଓ ଗୁରୁପଡ଼ା ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଜଙ୍ଗଲ ଜମି ଜବରଦଖଲ କରି ବସବାସ କରି ଆସୁଛନ୍ତି। ୨୦୦୬ରେ ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ନିମନ୍ତେ ବନ ଅଧିକାର ଅଧିନିୟମ ଆଇନ ପ୍ରଣୟନ ହେବା ପରେ ଜବରଦଖଲ କରିଥିବା ଜଙ୍ଗଲ ଜମିର ସତ୍ୱ ପରିବର୍ତ୍ତନ କରି ପୁରୁଷାନୁକ୍ରମେ ଭୋଗଦଖଲ କରିଆସୁଥିବା ଆଦିବାସୀଙ୍କୁ ଜମିର ପଟ୍ଟା ପ୍ରଦାନ କରାଯିବା ନେଇ ବ୍ୟବସ୍ଥା ରହିଛି। ଏହିକ୍ରମରେ ପଣସଡିହ ଓ ଗୁରୁପଡା ଜଙ୍ଗଲ ଜମିରେ ବସବାସ କରୁଥିବା ୩୦ପରିବାର ୨୦୧୯ ଜାନୁଆରୀରେ ବାଣପୁର ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଘଟଣାର ତଦନ୍ତ କରାଇ ବନ ବିଭାଗ ମଞ୍ଜୁରି ପାଇଁ ବାଣପୁର ତହସିଲଦାର ବାଲୁଗାଁ ବନାଞ୍ଚଳ ଅଧିକାରୀଙ୍କୁ ଏପ୍ରିଲ ୨୦୧୯ରେ ଜଣାଇଥିଲେ। ତେବେ ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ବନ ଅଧିକାର ଅଧିନିୟମ ଆଇନ ଅନୁଯାୟୀ ଗଠିତ ସ୍ୱତନ୍ତ୍ର ଗ୍ରାମ କମିଟିରେ ବୈଠକ ଡକାଇ ଦରଖାସ୍ତଗୁଡିକର ତଦନ୍ତ କରିବା ପାଇଁ ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ବାଣପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ୨୦୧୯ ଅଗଷ୍ଟରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗ୍ରାମସଭା ନ ଡକାଇ ଦିନ ଗଡାଇ ଚାଲିଛନ୍ତି। ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗ୍ରାମସଭା କରାଇବା ପାଇଁ ଉଭୟ ଗ୍ରାମବାସୀ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ସମ୍ପ୍ରସାରଣ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

**ତଦନ୍ତରେ ଅବହେଳା ଅଭିଯୋଗ**

# ପାଣି ପାଇଁ ଗରା, ମାଠିଆ ଧରି ରାସ୍ତାରୋକୋ


ନଗର ଗ୍ରାମର ମହିଳାମାନେ ପାଣି ସମସ୍ୟାକୁ ନେଇ ରାସ୍ତାରୋକୋ କରୁଛନ୍ତି ।

**ଅସ୍ତରଙ୍ଗ,୧୨।୮(ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତର ନଗର ଗ୍ରାମରେ ଦୀର୍ଘଦିନ ହେବ ପାନୀୟ ଜଳ ଠିକ୍ ଭାବେ ପାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ବୁଧବାର ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଗରା, ମାଠିଆ ଧରି ଗ୍ରାମର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଏଥିସହ କୌଣସି କାର୍ଯ୍ୟରେ ଅତିରିକ୍ତ ବିଡିଓ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିବାବେଳେ ଗ୍ରାମବାସୀ ତାଙ୍କୁ ସେଠାରେ ତାଲା ପକାଇ ଦେଇଥିଲେ। ଖବରପାଇ ନଗର ସରପଞ୍ଚ ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଖୁବଶୀଘ୍ର ଏଥିପ୍ରତି ଧ୍ୟାନ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ନଗର ଗ୍ରାମରେ ସରକାରୀ ଯୋଜନା ଅନୁଯାୟୀ ପାଇପ ଯୋଗାଣ ରହିଛି। ହେଲେ ପାଇପଗୁଡ଼ିକ ଅଧିକାଂଶ ଜାଗାରେ ଫାଟି ଯାଇଥିବାବେଳେ ଅନ୍ୟ କେଉଁଠି ପାଇପ୍ ଠିକ ଭାବେ ସଂଯୋଗ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି କେତେଜଣ ପାଣି ଚୋରା ଭାବେ ସଂଯୋଗ ମଧ୍ୟ କରିବା ଯୋଗୁ ଗ୍ରାମରେ ପାଣି ପହଞ୍ଚୁ ନାହିଁ। ଏଭଳି ଦୀର୍ଘଦିନ ହେବ ଚାଲୁଥିବାବେଳେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ତେବେ ଗୁରୁବାର ଏବିଡିଓ ଏକ କାର୍ଯ୍ୟରେ ନଗର ଗ୍ରାମକୁ ଆସିଥିଲେ। ଏହା ଗ୍ରାମବାସୀ ଶୁଣି ଗ୍ରାମରେ ରାସ୍ତାରୋକୋ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ଏବିଡିଓଙ୍କୁ ତାଲା ପକାଇଥିଲେ। ଅପରପକ୍ଷେ ଏବିଡିଓ ଅଟକ ଥିବା ଜାଣି ବିଡିଓ ଉକ୍ତ ସ୍ଥାନକୁ ଯାଇଥିବାବେଳେ ରାସ୍ତାରୋକୋକୁ ଦେଖି ଫେରିଯାଇ ଥିଲେ।

## କାର୍ଗିଲ ଶହୀଦ ପ୍ରମୋଦ ପଟ୍ଟନାୟକଙ୍କ ବଳିଦାନ ଦିବସ

**କଣାସ, ୧୨।୮(ସ୍ୱ.ପ୍ର.):**

କାର୍ଗିଲ ଯୁଦ୍ଧରେ ୧୯୯୯ ମସିହା ଅଗଷ୍ଟ ୧୨ରେ କଣାସ ବ୍ଲକ ରକ୍ତପଟା ଗ୍ରାମର ପ୍ରମୋଦ ପଟ୍ଟନାୟକ ଶହୀଦ ହୋଇଥିଲେ। ଏହି ଉପଲକ୍ଷେ ଗୁରୁବାର ପୂଜ୍ୟପୂଜା ସଂସଦ ପକ୍ଷରୁ ବଳିଦାନ ଦିବସ ପାଳନ କରାଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ଶହୀଦ ପଡ଼ିଆରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦ ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ଲତାମଣି ଜଗଦ୍ଦେବ, ଦୁର୍ଯ୍ୟୋଧନ ଜେନା, ବିଶ୍ୱଜିତ୍ ବଡଜେନା ପ୍ରମୁଖ ଯୋଗଦେଇଥିଲେ। ଶହୀଦଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ ସହ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଶିକ୍ଷକ ମହେଶ୍ୱର ପରିଡ଼ା, ବିଶ୍ୱନାଥ ସ୍ମୃତି ନିକେତନ ସମ୍ପାଦକ ବାଳକୃଷ୍ଣ ଶାହା, ସେବାନିବୃତ୍ତ ସୈନିକ ଶ୍ରୀନିବାସ ବଳିୟାରସିଂହ, ଯୁଧିଷ୍ଠିର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସମବାୟ ସମିତିରୁ ଚୋରି, ଜଣେ ଗିରଫ

**ଡେଲାଙ୍ଗ,୧୨।୮(ଡି.ଏନ୍.ଏ.)**

ସିଂହବ୍ରହ୍ମପୁର ସେବା ସମବାୟ ସମିତିରୁ ଚୋରି କରିବା ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ଗୁରୁବାର ନିପୁର ଗ୍ରାମରୁ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନିପୁର ଗ୍ରାମର ଲକି ଓରଫ ସୁନିଲ କୁମାର ବଳିୟାରସିଂହ। ଗତ ୯ ତାରିଖରେ ସମିତି ସମ୍ପାଦକ ଧନେଶ୍ୱର ପ୍ରଧାନ ସକାଳୁ କାର୍ଯ୍ୟାଳୟ ଆସି କମ୍ପ୍ୟୁଟର, ଇନଭର୍ଟର ଓ ଜରୁରୀ କାଗଜପତ୍ର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ନଂ. ୧୭୯/୨୧ ରୁଜୁ କରି ତଦନ୍ତ ଚଳାଇଥିଲା।

# ଗୁରୁକୁଳ ଶିକ୍ଷାର ଅନ୍ତୁଡ଼ିଶାଳ ଥିଲା ବନ ବିଦ୍ୟାଳୟ

**ସାକ୍ଷୀଗୋପାଳ,୧୨।୮(ଡି.ଏନ୍.ଏ)/(ସ୍ୱ.ପ୍ର.):**

**ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୩ତମ ପ୍ରତିଷ୍ଠା ଦିବସ**

ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ସତୀର୍ଥମାନଙ୍କ ପ୍ରତିମୂର୍ତ୍ତି ସହ ଗୋପବନ୍ଧୁଙ୍କ ଶେଷ ନିଃଶ୍ୱାସ ତ୍ୟାଗସ୍ଥଳରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଭମ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ ଯୋଗଦେଇ କହିଥିଲେ, ବନ ବିଦ୍ୟାଳୟରେ ଛାତ୍ରଙ୍କୁ ଶିକ୍ଷା, ସଂସ୍କାର ସହିତ ଭଲ ମଣିଷ ଭାବେ ଗଢାଯାଉଥିଲା। ଏଭଳି ଐତିହ୍ୟ ପୀଠକୁ ୫-ଟି ଯୋଜନାରେ ବିକାଶ କରାଯିବା ସହ ଛାତ୍ରଙ୍କୁ ଅତ୍ୟାଧୁନିକ ଶିକ୍ଷା ସୁବିଧା ଯୋଗାଇବା କ୍ଷେତ୍ରରେ ରାଜ୍ୟ ସରକାର ସହାୟତା ଯୋଗାଇଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବୃନ୍ଦାବନ ରଥ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ କ୍ଷୀରୋଦ କୁମାର ବେହେରା, ସତ୍ୟବାଦୀ ଥାନା ଆଇଆଇସି ଦେବୀପ୍ରସାଦ ପାତ୍ର, ବ୍ଲକ ଶିକ୍ଷାଧିକାରୀ ଜିତେନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ ଲକ୍ଷ୍ମୀଧର ମିଶ୍ର, ଅଶୋକ କୁମାର ପ୍ରଧାନ, ବନମାଳି ବେହେରା ଏବଂ ପ୍ରଭାତ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ହିଁ ବିକାଶର ମୂଳମନ୍ତ୍ର ଚିନ୍ତାଧାରାରେ ସେତେବେଳେ ସାକ୍ଷୀଗୋପାଳ ମନ୍ଦିର ପଶ୍ଚାତ୍ ଭାଗରେ ବନ ବିଦ୍ୟାଳୟ ଗଢିଉଠିଥିଲା। ଏହା ପରାଧୀନ ଭାରତରେ ଗୁରୁକୁଳ ଶିକ୍ଷାର ଅନ୍ତୁଡ଼ିଶାଳ ସାଜିଥିଲା ବୋଲି ଅତିଥିମାନେ କହିଥିଲେ। ଏହି ଉତ୍ସବରେ ୪୨ଜଣ ଛାତ୍ରଙ୍କୁ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ ୱାନ ଗ୍ରେଡ୍ ପାଇଥିବା ଓମ୍ ପ୍ରକାଶ ନାୟକ ଓ ଶିବ ପ୍ରସାଦ ପାଢ଼ୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଶିକ୍ଷକ ସତ୍ୟବାଦୀ ଦାସ ସ୍ୱାଗତ ଭାଷଣ ଓ ବିଜୟ କୁମାର ପରିଡା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ଛାତ୍ର ସଂଘର ପ୍ରତିଷ୍ଠା ଦିବସ

**କୋଣାର୍କ,୧୨।୮(ଡି.ଏନ୍.ଏ.)**

ଅଖିଳ ଭାରତ ଛାତ୍ର ସଂଘର ୮୬ତମ ପ୍ରତିଷ୍ଠା ଦିବସ ଗୁରୁବାର କୋଣାର୍କରେ ପାଳିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତି ଓ ବେକାରି ଦୂରୀକରଣ ପ୍ରତି ଟାଳଟୁଳ ପ୍ରତିବାଦରେ ସଂଘ ପକ୍ଷରୁ ମା' ଭଗବତୀ ପୀଠରୁ ଶୋଭାଯାତ୍ରା ବାହାରିଥିଲା। ଅନନ୍ତ ଅବଧୂତ ମଠ ସମ୍ମୁଖ ସଭାରେ ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସଂଘର ଜାତୀୟ ସମ୍ପାଦକ ଭି.କେ. ମାହେଶ୍ୱରୀ ଯୋଗଦେଇ ଦେଶ ସ୍ୱାଧୀନତାରେ ଛାତ୍ର ସଂଘର ପ୍ରମୁଖ ଭୂମିକା ରହିଥିଲା ବୋଲି କହିଥିଲେ। ପୁରୀ ଜିଲାରେ ଛାତ୍ର ସଂଘକୁ ମଜଭୁତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା। ସମାରୋହରେ ଜୟନ୍ତ ଦାସ, ସୁରେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ ମହାନ୍ତି, ଗୋଲେଖ ଚନ୍ଦ୍ର ନାୟକ, ରାଜଶ୍ରୀ ପରିଡ଼ା, ମନୋରଞ୍ଜନ ପରିଡା, ବିକାଶ ମୁଦୁଲି, କପିଳ ପ୍ରସାଦ ମହାନ୍ତି, ବ୍ରଜବନ୍ଧୁ ପରିଡ଼ା, କୃଷ୍ଣଚନ୍ଦ୍ର ରାଉତ, ପ୍ରଦୀପ୍ତ ମହାନ୍ତି, ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବ୍ଲକରୁ ସଂଘର ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଓଡ଼ିଆରେ ଲେଖାଯାଇନି ନାମଫଳକ




**ଜଟଣୀ,୧୨।୮(ଡି.ଏନ୍.ଏ.):**

ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ ରେଳମଣ୍ଡଳ (ଜଟଣୀ) ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟର ନାମ ଫଳକରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଉ ନାହିଁ। ନାମଫଳକ ଇଂଲିଶ ଓ ହନ୍ଦୀରେ ଲେଖା ଥିବାବେଳେ ଓଡ଼ିଆରେ ଲେଖାନାହିଁ। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ରାଜ୍ୟ ସରକାର ଓଡ଼ିଆ ଭାଷାର ବିକାଶ ଏବଂ ସୁରକ୍ଷାକୁ ନେଇ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। କେତେକ ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟର ନାମଫଳକ ଓଡ଼ିଆରେ ଲେଖା ଯାଇଥିବା ବେଳେ ସରକାରୀ କାର୍ଯ୍ୟ ମଧ୍ୟ ଓଡ଼ିଆ ଭାଷାରେ କରାଯାଉଛି। ହେଲେ ପୂର୍ବତଟ ରେଳପଥ ଅଧୀନ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ରେଳମଣ୍ଡଳ ଅଧୀନରେ ଥିବା ଥିବା ରେଳବାଇ ସ୍ପେଶାଲ ମାଜିଷ୍ଟ୍ରେଟଙ୍କ କୋର୍ଟ, ଡିଭିଜିନାଲ ମେକାନିକାଲ ଟ୍ରେନିଂ ସ୍କୁଲ, ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଅଲଇଣ୍ଡିଆ ଆରପିଏଫ୍ ଆସୋସିଏଶନ, ସିଭିଲ ଡିଫେନ୍ସ କଣ୍ଟ୍ରୋଲରୁମ, ଡିଭିଜିନାଲ ସିକ୍ୟୁରିଟି କମିଶନର ଅଫିସ, ପାର୍କ, ଜିମ, ରେଳବାଇ ହାଇସ୍କୁଲ ସମେତ ରେଳ ଶ୍ରମିକ ସଙ୍ଗଠନ ଭଳି ପ୍ରାୟ ୩୦ କାର୍ଯ୍ୟାଳୟର ନାମ ଫଳକର ଅନେକ ସ୍ଥାନରେ ଓଡ଼ିଆରେ ଲେଖା ନାହିଁ। କେତେକ ସ୍ଥାନରେ ଓଡ଼ିଆ ଶବ୍ଦକୁ ଇଂରାଜୀରେ ଲେଖାଯାଇଛି। ଫଳରେ କେବଳ ଓଡ଼ିଆ ଭାଷା ଜାଣିଥିବା ଲୋକେ ଠିକ୍ ଠିକଣା ନ ପାଇ ହଇରାଣ ହେଉଛନ୍ତି। ଏଥିପ୍ରତି ରେଳ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ନୂଆ କମିଟି ଆଗରେ ଅନେକ ଆହ୍ୱାନ

**ପୁରୀ ଅଫିସ, ୧୨।୮:**

ପୁନର୍ଗଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ଆଗରେ ଅନେକ ଆହ୍ୱାନ ରହିବ। ସେଗୁଡ଼ିକ ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ଯୋଜନା, ସେବାୟତ ପରିବାରଙ୍କ ଲାଗି ଡାକ୍ତରଖାନା ଓ ସେମାନଙ୍କ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ, ଅବଡା ଦର ନିର୍ଦ୍ଧାରଣ ପ୍ରଭୃତି ରହିଛି। ଏସବୁ ଆହ୍ୱାନ କମିଟିର ଦକ୍ଷତା ମୂଲ୍ୟାୟନ କରିବ।

ଶ୍ରୀମନ୍ଦିର ପରିକ୍ରମା ଯୋଜନା ପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିବା ସହ ୧୮ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ କମିଟି ଏହି କାର୍ଯ୍ୟକୁ ଆଗେଇ ନେବାକୁ ଚେଷ୍ଟା କରିବ। ସେହିଭଳି ଆଦର୍ଶ ଗୁରୁକୁଳ ଯୋଜନା ଶ୍ରୀମନ୍ଦିର ସେବାୟତ ପରିବାରର ପିଲାଙ୍କ ପାଇଁ ସ୍ୱପ୍ନ ହୋଇରହିଛି। ୨୦୧୬-୧୭ରେ ଏନେଇ ମାଟିତୋଟା ମୌଜାରେ ଜାଗା ଚିହ୍ନଟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆଗେଇ ନାହିଁ। ବାସଗୃହ ନ ଥିବା ସେବାୟତଙ୍କ ପାଇଁ ବାସଗୃହ ବ୍ୟବସ୍ଥା କରିବାକୁ ବିଗତ ଦିନରେ ଶ୍ରୀମନ୍ଦିର ପରିଚାଳନା କମିଟି ପ୍ରସ୍ତାବ ରଖିଥିଲା। ମାତ୍ର ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିନାହିଁ। ମାଳତୀପାଟପୁରରେ ସେବାୟତ ପରିବାର ସଦସ୍ୟଙ୍କ ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଲାଗି ଜମି ଚିହ୍ନଟ ସରିଛି। ମାତ୍ର କାର୍ଯ୍ୟ ତ୍ୱରାନ୍ୱିତ ହୋଇନାହିଁ। ଅବଢ଼ା ଦର ନିର୍ଦ୍ଧାରଣ ନେଇ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିନାହିଁ। ନୂତନ ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା କହିଛନ୍ତି, ସେବାୟତଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଆର୍ଥିକ ବିକାଶ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଅନ୍ୟପକ୍ଷରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି, ପ୍ରଶାସନକୁ ସ୍ୱୟଂ ସମ୍ପୂର୍ଣ୍ଣ ନ କରି ପରିଚାଳନା କମିଟିକୁ ଅଧିକ ପରିଚାଳନା ଦାୟିତ୍ୱ ଦେବା ଦରକାର। ସବୁ ବର୍ଗର ସେବାୟତଙ୍କ ପ୍ରତିନିଧିତ୍ୱ ଥିବାରୁ କମିଟି ଅଧିକ ଦକ୍ଷ ଭାବେ କାର୍ଯ୍ୟ କରିପାରନ୍ତା, ମାତ୍ର ଶ୍ରୀମନ୍ଦିର ପ୍ରଶାସନର ଚାପ ଯୋଗୁ ସେଭଳି ହୋଇପାରୁନାହିଁ। ଏହି ପରମ୍ପରା ବଦଳିବା ଆବଶ୍ୟକ।

# ମିଳୁନି ଆବାସ, ଭଙ୍ଗାଘର ଭରସା

**ଖୋର୍ଦ୍ଧା ଅଫିସ,୧୨।୮:**

- ବର୍ଷା ହେଲେ ପର ପିଣ୍ଡାରେ ଶୋଉଛନ୍ତି
- ତଦନ୍ତ ଲାଗି ବିଡିଓଙ୍କୁ ନିର୍ଦ୍ଦେଶ
- କରୋନା ଛଡ଼ାଇ ନେଇଛି ଜୀବିକା

ଝାଟିମାଟି, ଭଙ୍ଗା କୁଡ଼ିଆରେ ବିତୁଛି ୪ପ୍ରାଣୀଙ୍କ ଜୀବନ। ଘର କାନ୍ଥ ଫାଟି ଆଁ କରିଥିବା ବେଳେ ଦିନରେ ଖରା ଓ ରାତିରେ ସୂର୍ଯ୍ୟ ଦେଖାଯାଉଛି। ବର୍ଷା ହେଲେ ପର ଘର ପିଣ୍ଡାରେ ରାତି କଟାଉଛନ୍ତି। ଅସହାୟଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା ପ୍ରଶାସନ ଏବଂ ଲୋକ ପ୍ରତିନିଧିଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଆବାସ ଯୋଜନା ଏମାନଙ୍କ ଲାଗି ସାତସପନ ପାଲଟିଛି। ଏପରି ବେଗୁନିଆ ବ୍ଲକ ଗୋବିନ୍ଦପୁର ଗ୍ରାମରେ ଦେଖିବାକୁ ମିଳିଛି।

ଏହି ଗ୍ରାମର ବିଜୟ ସ୍ୱାଇଁ, ସ୍ତ୍ରୀ ଯଶୋଦା ଏବଂ ପୁଅ ଝିଅକୁ ନେଇ ତାଙ୍କ ପରିବାର। ସୁରଟରେ ବିଜୟ ଶ୍ରମିକ ଭାବେ କାମ କରୁଥିବା ବେଳେ କରୋନା ଯୋଗୁ ଶିଳ୍ପ ସଂସ୍ଥା ବନ୍ଦ ହୋଇଯିବାରୁ ଗାଁକୁ ପଳାଇଆସିଲେ। ବିଜୟ ଗାଁରେ ମଜୁରିଆ ଓ ସ୍ତ୍ରୀ ଯଶୋଦା ପର ଘରେ କାମ କରି ପରିବାର ଚଳାଉଛନ୍ତି। କରୋନା ତାଙ୍କ ଜୀବିକା ଛଡ଼ାନେଇଥିବା ବେଳେ ସବୁବେଳେ କାମ ନ ମିଳିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ଦୁଇ ଓଳି ଖାଇବାକୁ ସଂଘର୍ଷ କରୁଥିବା ଓ ଘର ସଜାଡିବାକୁ ସମ୍ବଳ ନ ଥିବା ସେମାନେ କହିଛନ୍ତି। ଅନ୍ୟପଟେ ପିଲାଙ୍କ ପାଠପଢ଼ାରେ ମଧ୍ୟ ଡୋରି ବାନ୍ଧି ହୋଇଯାଇଛି। ନିକଟରେ ବର୍ଷା ଲାଗି ରହିବାରୁ ଘରର ଆସବାବପତ୍ର ଓଦା ହୋଇଯାଇଥିବା ବେଳେ ପିଲାଙ୍କ ବହିପତ୍ର ମଧ୍ୟ ବାଦ୍ ଯାଇନି। ଏନେଇ ଯଶୋଦା କୁହନ୍ତି, ଘର ଖଣ୍ଡେ ପାଇବା ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନ ଠାରୁ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳିଛି। ଗୁରୁବାର ଯଶୋଦା ଅତିରିକ୍ତ ଜିଲାପାଳ(ଏଡିଏମ) ମନୋଜ ପାଢୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଏଡିଏମ୍ ପାଢୀ କହିଛନ୍ତି, ଏ ସମ୍ପର୍କରେ ବେଗୁନିଆ ବିଡିଓଙ୍କ ସହ ଆଲୋଚନା କରିଛି। ତୁରନ୍ତ ଉକ୍ତ ପରିବାରଙ୍କ ଆବାସ ଯୋଜନାରେ ସାମିଲ ଲାଗି ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ।


ଅସହାୟ ଅବସ୍ଥାରେ ଥିବା ବିଜୟଙ୍କ ସ୍ତ୍ରୀ ଓ ପିଲାମାନେ ।